## ସଂକ୍ଷେପରେ

### ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟ ପର୍ବ



**ବାଲିଆପାଳ, ୨୬।୪(ଗୋପାଳ ଚନ୍ଦ୍ର ସାହୁ):**

ବାଲିଆପାଳ ବ୍ଲକ ଅଧୀନ ଅସ୍ତୀ ପଞ୍ଚାୟତ ସୂର୍ଯ୍ୟାପୁର ଗ୍ରାମରେ ଥିବା ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟ ପର୍ବ ଶନିବାର ସନ୍ଧ୍ୟାରେ ଶେଷ ହୋଇଯାଇଛି। ଏହି ଅବସରରେ ମଈଁଶାଢ଼ୀ ଗ୍ରାମରେ ଥିବା ହାକାଣ୍ଡ ପୋଖରୀରୁ ବତ୍ରଧାରୀମାନେ ଦେହର ବିଭିନ୍ନ ସ୍ଥାନରେ କଣ୍ଟା ଫୁଡ଼ାଇ ବିଭିନ୍ନ ବିଭିନ୍ନ ସାଜସଜ୍ଜାରେ ନିଜକୁ ସଜେଇ ନାଚି ନାଚି ମହାଦେବ ମନ୍ଦିର ପର୍ଯ୍ୟନ୍ତ ଆସି ବ୍ରତ ଭାଙ୍ଗିଥିଲେ। ଏହି ପାଟପର୍ବ ଅବସରରେ ସେଠାର ଏକ ବିରାଟ ମେଳା ବସିଥିଲା। ସେହି ମେଳାରେ ବିଭିନ୍ନ ପ୍ରକାର ଚଟପଟି ଖାଦ୍ୟ ସହିତ ଘରକରଣା ସାମଗ୍ରୀ ବିକ୍ରି ହେଉଥିବାରୁ ଲୋକଙ୍କ ଗହଳିରେ ମେଳା ବେଶ ଜମିଥିଲା। ଗ୍ରାମରେ ବିଶ୍ୱମ୍ଭର ପାତ୍ର, ପ୍ରଭାକର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ତରୁଣ କୁମାର ଜେନା, ନଳିନୀକାନ୍ତ ଜେନା, ବିଜୟ ଜେନା, ସନ୍ତୋଷ କୁମାର ଜେନା, ତପନ ଜେନା, ସଞ୍ଜୟ ଜେନା, ସନ୍ତୋଷ ମହାଳିକ, ଅଶ୍ୱିନୀ ଜେନା, ଜୟଦେବ ଜେନା, ମନୋଜ ମହାଳିକ, କାଳିଆ ମହାଳିକ, ଅଦ୍ୱୈତ ଜେନାଙ୍କ ସହିତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ପାଟ ପର୍ବ ଶେଷ ହୋଇଥିଲା।

### ଜଳସୋହରିଆରେ ଆଧ୍ୟାତ୍ମିକ ସମାରୋହ

**ଭୋଗରାଇ, ୨୬।୪(ପ୍ରଦୀପ ଦାସ):**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ମଧ ଜଳସୋହରିଆ ଗ୍ରାମରେ ଚାଲିଆସୁଥିବା ୪ଦିନିଆ ଆଧ୍ୟାତ୍ମିକ ସମାରୋହ ଶନିବାର ଶେଷ ହୋଇଛି। ଉକ୍ତ ଗ୍ରାମର ଶ୍ରୀ ଶ୍ରୀ ପଶୁପତିନାଥ ମହାଦେବ, ବୀର ହନୁମାନ ଓ ମା' ଚଣ୍ଡୀଙ୍କ ପ୍ରାଣ ପ୍ରତିଷ୍ଠା ପଣ୍ଡିତପ୍ରବରଙ୍କ ଦ୍ୱାରା ନୀତିକାନ୍ତି ଅନୁଯାୟୀ ଯଜ୍ଞ, ବିଭିନ୍ନ ବାଦ୍ୟ ଓ ରୋଷଣି ପ୍ରଦର୍ଶନ, ପ୍ରବଚନ କରାଯାଇଥିବା ବେଳେ ଶ୍ରୀ ଚୈତନ୍ୟ ଦେବଙ୍କ ନାମ ସଂକୀର୍ତ୍ତନ, ଅନ୍ନ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଁ ଦାଣ୍ଡ ଉଛୁଳି ପଡିଥିଲା। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମହୋତ୍ସବରେ ଆଖପାଖ ଗ୍ରାମର ୫ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅନ୍ନପ୍ରସାଦ ଭୋଜନ କରିଥିଲେ। ଶନିବାର ସନ୍ଧ୍ୟାରେ କୁନି ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ ଓ ପରେ ମହିଳାଙ୍କ ଦ୍ୱାରା ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଆଧ୍ୟାତ୍ମିକ କମିଟି ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଧ୍ୟାତ୍ମିକ ସମାରୋହକୁ କମିଟିର ମୁଖ୍ୟ ଅନୀଲ କୁମାର ଗିରି, ଚିରଞ୍ଜୀବ ସାମଲ ସହ ଅନ୍ୟ ସଦସ୍ୟା ସଦସ୍ୟମାନେ ପରିଚାଳନା କରିଥିଲେ।

# 'ସାଇବର ଅପରାଧ ଓ ଏହାର ନିୟନ୍ତ୍ରଣ ଅନୁଶାସନ'

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର

**ବାଲେଶ୍ୱର, ୨୬।୪(ବାଞ୍ଛାନିଧି ଦେ):**




ସେମିନାରରେ ଅତିଥିଙ୍କ ଦ୍ୱାରା ପୁସ୍ତିକା ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ପକ୍ଷରୁ ଶନିବାର 'ସାଇବର ଅପରାଧ ଓ ଏହାର ନିୟନ୍ତ୍ରଣ ଅନୁଶାସନ' ବିଷୟରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧ ନିମନ୍ତେ ଶକ୍ତିଶାଳୀ ଆଇନ ପ୍ରଣୟନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କୋଲକାତା ଜେଆଇଏସ ବିଶ୍ୱବିଦ୍ୟାଳୟ ପ୍ରଫେସର ସୌଭିକ ଚାଟର୍ଜୀ ଯୋଗଦେଇ ସାଇବର ଅପରାଧକୁ କିପରି ରୋକାଯାଇପାରିବ ଓ ଏଥିରେ କେଉଁ କେଉଁ ସମସ୍ୟା ରହିଛି ସେ ଦିଗରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ ଯୋଗଦେଇ ଡାଟା ସୁରକ୍ଷା, ସାଇବର ଠକେଇ, ଡିଜିଟାଲ ପ୍ରମାଣ ଓ ନୂତନ ଆଇନ ପ୍ରଣୟନ ଓ ଅନ୍ୟାନ୍ୟ ପରିବର୍ତ୍ତନ ଉପରେ ଚର୍ଚ୍ଚା କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ପ୍ରାୟୋଗିକ ଅନୁଭବ ଅଭିଜ୍ଞତା ସେୟାର କରି ତଦନ୍ତ ଓ ଆଇନ ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ଅତିରିକ୍ତ ସ୍ଥାୟୀ ଆଇନ ପରାମର୍ଶଦାତା ଅଧିବକ୍ତା ପ୍ରଭୁ ପ୍ରସନ୍ନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ୟାନେଲ ଆଲୋଚନାରେ ବାଲେଶ୍ୱର ଜିଲା ଓ ସେସନ୍ସ ଜଜ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆଇଟିଆର ଅତିରିକ୍ତ ନିର୍ଦ୍ଦେଶକ ନିଳାଦ୍ରୀ ରାୟ, ବରିଷ୍ଠ ସାମ୍ବାଦିକ ବ୍ରହ୍ମନାଥ ରଥ, ଡ. ବିଜୟ ଚନ୍ଦ୍ର ମହାପାତ୍ର, ଡିନ୍ ପ୍ରଫେସର ସୁକାନ୍ତ କୁମାର ନନ୍ଦ ଓ ଡ.ପରମିତା ଦାଶ ପ୍ରମୁଖ ଆଲୋଚନାଚକ୍ରରେ ଯୋଗଦେଇଥିଲେ। ସାଇବର ଅପରାଧର ବୃଦ୍ଧି, ତଦନ୍ତ ସମସ୍ୟା, ଡିଜିଟାଲ ପ୍ରମାଣର ଗୁରୁତ୍ୱ ଓ ଆଇନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଶିକ୍ଷାବିତ୍, ଆଇନ ବିଶେଷଜ୍ଞ, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ନର୍ଥ ଓଡ଼ିଶା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

## ୨୭ ୟୁନିଟ ରକ୍ତ ସଂଗ୍ରହ

**ବସ୍ତା, ୨୬।୪(ହରି ଶଙ୍କର ପାଢ଼ୀ):**

ବସ୍ତା ବ୍ଲକ ଅନ୍ତର୍ଗତ ଦରଡ଼ାସ୍ଥିତ ନର୍ଥ ଓଡ଼ିଶା ମହାବିଦ୍ୟାଳୟ, ହେଲଥ କେୟାର ପଲ୍ଲୀ କ୍ଲିନିକ୍, ଓଡ଼ିଶା ରକ୍ତଦାତା ସଂଘ ଓ ଓଡ଼ିଶା ସ୍ୱାଭିମାନ ପରିଷଦର ମିଳିତ ସହଯୋଗରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପରିଚାଳକ ପଞ୍ଚାନନ ବେହେରା, ହରିଶଙ୍କର ପାଢ଼ୀ ଓ ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ ପ୍ରମୁଖ ଉଦଘାଟନ କରିଥିଲେ। ଶିବିରରେ ଉଦଳା ଉପଖଣ୍ଡସ୍ତରୀୟ ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ ବ୍ୟାଙ୍କ ଅଫିସର ଡ଼ା. ଖଗେଶ୍ୱର ସିଂହ, ଲାବୋରେଟୋରୀ ଟେକନିସିଆନ ପ୍ରଦୀପ କୁମାର ଦଳାଇ, ବିସ୍ମୟସେନ ନାୟକ, ଶ୍ରବଣ କୁମାର ବେହେରା ଓ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ୨୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ପ୍ରାକ୍ତନ ଜିଲା ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ.. ପ୍ରେମାନନ୍ଦ ସେଠୀ ଓ ଓଡ଼ିଶା ବନ ଉନ୍ନୟନ ନିଗମର ସୁପରଭାଇଜର ରବିରତନ ପରିଡା, ଅଧ୍ୟାପକ ଅନନ୍ତ କୁମାର ପ୍ରଧାନ, ସତ୍ୟବ୍ରତ ପାତ୍ର ଓ ଅଧ୍ୟାପିକା ମୌଲି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଇଂ. ରଘୁନାଥ ପାତ୍ର, ଦେବେନ୍ଦ୍ର ଆଚାର୍ଯ୍ୟ, ସରୋଜ ମହାପାତ୍ର ଓ ସତ୍ୟରଞ୍ଜନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ମହିଳା ରକ୍ତଦାନ କରୁଛନ୍ତି।

# 'ସ୍ୱାଗତମ୍ ଦୀନକୃଷ୍ଣ ସ୍ମୃତି ପୀଠ' ତୋରଣ ଉଦ୍‌ଘାଟିତ

## ଭକ୍ତକବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଜଳେଶ୍ୱର, ୨୬।୪(ନବୀନ ସାହୁ):**



ତହସିଲଦାର ସତ୍ୟଜିତ ମହାନ୍ତି 'ସ୍ୱାଗତମ୍ ଦୀନକୃଷ୍ଣ ସ୍ମୃତିପୀଠ' ତୋରଣକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଦୀନକୃଷ୍ଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ମୁଣ୍ଡୁତୁଣ୍ଡିଆସ୍ଥିତ ସ୍ମୃତି ମନ୍ଦିର ପରିସରରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ୪୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ତହସିଲଦାର ସତ୍ୟଜିତ ମହାନ୍ତି ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭବ୍ୟ 'ସ୍ୱାଗତମ୍ ଦୀନକୃଷ୍ଣ ସ୍ମୃତି ପୀଠ' ତୋରଣକୁ ଉଦଘାଟନ କରିବା ସହ କବିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରିଷଦ ସଭାପତି ଡ. ରମାକାନ୍ତ ଭଞ୍ଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଆଗାମୀ ୩ ବର୍ଷ ପରେ କବିଙ୍କ ୫୦ ବର୍ଷ ପୂର୍ତ୍ତି ଅବସରରେ ତିନି ଦିନିଆ ଭବ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଡ. ଗିରିଶ ଚନ୍ଦ୍ର ଜେନା, ସଞ୍ଜୟ ଛୁଆଳସିଂହ, ଡ. ରାଧାଗୋବିନ୍ଦ କୁଇଲା ଏବଂ ଡ. ଅଜିତ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ରୀତି ଯୁଗର ମହାନ କବି ଦୀନକୃଷ୍ଣଙ୍କ ସାହିତ୍ୟିକ କୃତି ଓ ଭକ୍ତି ନୈବେଦ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ରଚିତ 'ନୀତି ଗଳ୍ପ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. କାଳି କିଙ୍କର ଦାସଙ୍କୁ 'ରାଜ୍ୟସ୍ତରୀୟ ଦୀନକୃଷ୍ଣ ସ୍ମୃତି ସମ୍ମାନ', ରଶ୍ମିତା ସିଂଙ୍କୁ 'ପ୍ରାଣକୃଷ୍ଣ ବିଶ୍ୱାଳ ସ୍ମୃତି ସମ୍ମାନ' ଏବଂ ସୁଭଦ୍ରା ପଢ଼ାୟତଙ୍କୁ 'ନାରୀ କବି ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ୫୦ରୁ ଉର୍ଦ୍ଧ୍ୱ କବୟିତ୍ରୀ ଓ କବି ନିଜସ୍ୱ କବିତା ପାଠ କରି ସାରସ୍ୱତ ପରିବେଶକୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଯୁଗେଶ ଚନ୍ଦ୍ର ରାଉଳ ମଞ୍ଚ ଆହ୍ୱାନ କରିଥିବା ବେଳେ ବ୍ରଜେନ୍ଦ୍ର ନାଥ ଗିରି ଓ ପରିଷଦର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଯାତ୍ରା ଦେଖିବା କାଳ ହେଲା ୨ ପରିବାରଙ୍କୁ ସର୍ବସ୍ୱାନ୍ତ କରିଦେଲେ ଚୋର

**ଖଇରା, ୨୬।୪(ଉତ୍କଳବନ୍ଧୁ ପଣ୍ଡା):**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରୁଗାଁ ଗ୍ରାମରୁ ଶୁକ୍ରବାର ରାତିରେ ମନୋରଞ୍ଜନ ନାୟକ ଓ ଚୈତା ଗାହାଣଙ୍କ ଘରୁ ନଗଦ ଟଙ୍କା ଓ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରୀ ହୋଇ ଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଗାଁରେ ଅପେରା ଦେଖିବାକୁ ଯାଇଥିବା ବେଳେ ଏହି ମୌକାରେ ଚୋରମାନେ ଏହି ପରିବାରଦ୍ୱୟକୁ ସର୍ବସ୍ୱାନ୍ତ କରିଥିବା ଜଣାଯାଇଛି। ରାତି ପ୍ରାୟ ୧୧ଟା ୩୦ ମିନିଟ୍‌ରେ ଏହି ପରିବାର ଘରେ ତାଲା ଦେଇ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ପଛ ପଟ ଗ୍ରୀଲ ଓ ଘର ଆଲମିରା ଭାଙ୍ଗି ନଗଦ ଟଙ୍କା ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଚୋରିର ୪୮ଘଣ୍ଟା ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଧରାଯାଇନାହିଁ।

# ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବାହାନଗା, ୨୬।୪(ଅରୂପ କୁମାର ଦାସ):**

ବାହାନଗା ବ୍ଲକ ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଶନିବାର ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ତଥା ୨୦ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ୭୦ବର୍ଷ ଏବଂ ତଦୁର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନେ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ପାଇ ସେହି ଯୋଜନାରେ କିପରି ଉପକୃତ ହୋଇପାରିବେ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସମ୍ପୃକ୍ତ ଜିଲା ଅଧିକାରୀଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବରିଷ୍ଠ ନାଗରିକ ତଥା ବାଲେଶ୍ୱର ଜିଲାର ପୂର୍ବତନ ଜିଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରତିଶ୍ରୁତି ଦେଇଥିଲେ। ଜିଲା ପୋଲିସ ବିଭାଗ ତରଫରୁ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ପାଇଁ ପ୍ରମାଣପତ୍ର ପ୍ରଦାନ କରିବାର ନିର୍ଦ୍ଦେଶନାମା ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କେହି ପାଇପାରି ନାହାନ୍ତି। ଜିଲା ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ଉଦୟ ନାରାୟଣ ମହାପାତ୍ର, ଶଙ୍କର୍ଷଣ ଶିଅଳ, ସତ୍ୟବ୍ରତ ଦାଶ, କମଳାକାନ୍ତ ଦାସ, ବାସନ୍ତୀ ଲତା ବେହେରା, ଅନିରୁଦ୍ଧ ବାରିକ, ବସନ୍ତ ମହାପାତ୍ର, ସୁଦର୍ଶନ ମହାପାତ୍ର, ବେଣୁଧର ଜେନା, ମନ୍ମଥ ଘଡେଇ, ଅରୁଣ ମହାନ୍ତି, ଖଗପତି ଜେନା, ଶରତ ବାରିକ ପ୍ରଭାକର ମହାପାତ୍ର, ନିମାଇଁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ସଭ୍ୟ ଉଦୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା: ଶୌଚାଳୟ ନିଲାମ ଲାଗି ପ୍ରଶାସନର ପଦକ୍ଷେପ

**ବାଲେଶ୍ୱର, ୨୬।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ):**

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ଶ୍ୟାମସୁନ୍ଦରପୁର ମୌଜାର ଏକ ସଂରକ୍ଷିତ ଜଙ୍ଗଲ ଜମିରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବହୁତଳ ପାର୍କିଂ ପ୍ଲେସ ନିର୍ମାଣ କରାଯାଇଛି। ଏହି ବେଆଇନ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ଜଣେ ସଚେତନ ନାଗରିକ ଉଚ୍ଚ ନ୍ୟାୟାଳୟରେ ଅଭିଯୋଗ କରିଥିଲେ। ଗତ ୨୧।୪।୨୬ରିଖରେ ଉଚ୍ଚ ନ୍ୟାୟାଳୟ ଏହି ନିର୍ମାଣ କାର୍ଯ୍ୟ ଉପରେ ଅନ୍ତରୀଣ ରୋକୋ ଲଗାଇଛନ୍ତି। ମାମାଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସମ୍ପୃକ୍ତ ସ୍ଥାନରେ ସ୍ଥିତାବସ୍ଥା ବଜାୟ ରଖିବା ସଙ୍ଗେ ସଙ୍ଗେ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ହାଇକୋର୍ଟ ନିର୍ଦ୍ଦେଶକୁ ଉଲ୍ଲଘଂନ କରି ପ୍ରଶାସନ ସେହି ଜଙ୍ଗଲ ଜମିରେ ଥିବା ଶୌଚାଳୟକୁ ନିଲାମ କରିବା ପାଇଁ ପଦକ୍ଷେପ ନେଇଛି।

ଶ୍ୟାମସୁନ୍ଦରପୁର ମୌଜାର ଥିବା ଏହି ସଂରକ୍ଷିତ ଜଙ୍ଗଲ ଜମିକୁ (ପ୍ଲଟ ନଂ -୧୦୩୮, ଖାତା ନଂ ୮୦୯) ଗତ ୧୯୨୨-୨୩ ମସିହାରେ ତତ୍କାଳୀନ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ବିନାନୁମତିରେ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ପ୍ରଭାତ କୁମାର ପାଢୀ ଉଚ୍ଚ ନ୍ୟାୟାଳୟରେ ପିଟସନ ଦାୟର କରିଥିଲେ। ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ଥିଲା ବେଳେ ସମ୍ପୃକ୍ତ ବିବାଦୀୟ ଜଙ୍ଗଲ ଜମି ଉପରେ ପ୍ରଶାସନ ଶୌଚାଳୟ ନିର୍ମାଣ କରିବା ଲାଗି ପଦକ୍ଷେପ ନେବାରୁ ଅଭିଯୋଗକାରୀ ପାଢୀଙ୍କ ତରଫରୁ ହାଇକୋର୍ଟରେ ଆଇଏ ନଂ. ୭୩୭୨/୨୬ ଦାଖଲ କରି ଶୁଣାଣି ପାଇଁ ଆବେଦନ କରାଯାଇଥିଲା। ଜଷ୍ଟିସ ବିପି ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି ସମ୍ପୃକ୍ତ ବିବାଦୀୟ ଜଙ୍ଗଲ ଜମିରେ ସ୍ଥିତାବସ୍ଥା ବଜାୟ ରଖିବା ସଙ୍ଗେସଙ୍ଗେ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନ ଉଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶକୁ ଅବମାନନା କରି ଉକ୍ତ ଜଙ୍ଗଲ ଜମି ଉପରେ ଥିବା ଶୌଚାଳୟକୁ ନିଲାମ କରିବା ପାଇଁ ପୁନଶ୍ଚ ପଦକ୍ଷେପ ନେଉଥିବା ପାଢୀ ଅଭିଯୋଗ କରିଛନ୍ତି। ଏ ବାବଦରେ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥଙ୍କୁ ପଚାରିବାରୁ ସେ କହିଲେ, ସେହି ସ୍ଥାନରେ ଗାଡ଼ି ମୋଟର ପାର୍କିଂ ପାଇଁ କୁହାଯାଇଛି। ମାତ୍ର ଶୌଚାଳୟ ନିର୍ମାଣ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ସେ ଜାଣିନାହାନ୍ତି। ବୁଝିଲା ପରେ ସେ କହିବେ ବୋଲି କହିଛନ୍ତି।

## ସୋର କୋର୍ଟ ମୋହରିର ସଂଘର ବୈଠକ

**ସୋର, ୨୬।୪(ଜନ୍ମେଜୟ ମିଶ୍ର):**

ସୋର କୋର୍ଟ ମୋହରିର ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମୋହରିର ଯୋଗଦେଇ ସଂଘକୁ କିପରି ତ୍ୱରାନ୍ୱିତ ହେବ ଏବଂ ସମସ୍ତ ସଭ୍ୟଙ୍କ ଜୀବନବୀମା କଥା ଆଲୋଚନା ହୋଇଥିଲା। ଆଗାମୀ ୨ମାସ ମଧ୍ୟରେ ସଂଘ ଜରିଆରେ ଓଡିଶା ରାଜ୍ୟ ମୋହରିର ସଂଘର ପରାମର୍ଶକ୍ରମେ ଜୀବନବୀମା ଟଙ୍କା ସଂଘର ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ର ଙ୍କ ପାଖରେ ଜମା କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତି ଦୁଇ ମାସରେ ସୋର ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ, ରୁଟି, କ୍ଷୀର ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଭାପତି ମହେନ୍ଦ୍ର ପ୍ରସାଦ ମିଶ୍ର, ଉପସଭାପତି ଗୌରାଙ୍ଗ ଧଡ଼ା, ସମ୍ପାଦକ ପ୍ରଭାକର ଦ୍ୱାରି, ସହ ସମ୍ପାଦକ ରବି କୁମାର ଦାସ ଏବଂ କୋଷାଧ୍ୟକ୍ଷ ରମାକାନ୍ତ ବେଜ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଭାକର ଦ୍ୱାରି ଧନ୍ୟବାଦ ଦେଇଥିଲେ।

# ନୀଳଗିରି ବିଧାୟକଙ୍କୁ 'ଛାତ୍ର ଗୌରବ ସମ୍ମାନ'




ବାର୍ଷିକ ଉତ୍ସବରେ ବିଧାୟକଙ୍କ ସମେତ ଅଧ୍ୟାପକ।

**ନୀଳଗିରି, ୨୬।୪(ପ୍ରଶାନ୍ତ ବିଶ୍ୱାଳ):**

## ଏଫଏମ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ୩୨ତମ ବାର୍ଷିକ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ତାଙ୍କର ସାମାଜିକ ପ୍ରତିବଦ୍ଧତା ଏବଂ ଜନସେବା ପାଇଁ ଅନୁଷ୍ଠାନ ପକ୍ଷରୁ ମର୍ଯ୍ୟାଦାଜନକ 'ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଏଫଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଶିକ୍ଷାବିତ୍ ଓ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବିଧାୟକ ଖଟୁଆ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ, ନିଜର ଶିକ୍ଷାନୁଷ୍ଠାନରୁ ସମ୍ମାନିତ ହେବା ଜୀବନର ସବୁଠାରୁ ବଡ଼ ଉପଲବ୍ଧି। ଏହି ଅନୁଷ୍ଠାନର ଶିକ୍ଷା ଓ ସଂସ୍କାର ହିଁ ମୋତେ ସମାଜସେବା ପାଇଁ ପ୍ରେରଣା ଦେଇଛି। ଏହି ସମ୍ମାନ ମୋ ପାଇଁ କେବଳ ଏକ ପୁରସ୍କାର ନୁହେଁ, ବରଂ ଜନସାଧାରଣଙ୍କ ସେବା ପାଇଁ ଏହା ଏକ ନୂତନ ଦାୟିତ୍ୱ। ମୁଁ ଏଥିପାଇଁ ମୋର ଗୁରୁଜନ ଏବଂ ପୁରାତନ ଛାତ୍ର ସଂସଦ ପାଖରେ ସଦା ଋଣୀ। ମହାବିଦ୍ୟାଳୟର ଶତାଧିକ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ ନିଜର ଅତୀତର ସ୍ମୃତିଚାରଣ କରିବା ସହ ବିଧାୟକଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ମୟୂରଭଞ୍ଜ ପୋଲିସ ଟିମ୍ ଟାଇଟଲ ବିଜୟୀ

## ଷ୍ଟେଟ୍ ପୋଲିସ ଭଲିବଲ ଓ ବାସ୍କେଟବଲ ଚାମ୍ପିୟନଶିପ୍

**ବାଲେଶ୍ୱର(ବାଞ୍ଛାନିଧି ଦେ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୨୬।୪:**



ଚାମ୍ପିୟନ ଟ୍ରଫି ସହ ବିଜେତା ଦଳର ଖେଳାଳି।

ବାଲେଶ୍ୱର ରିଜର୍ଭ ପୋଲିସ୍ ପଡ଼ିଆରେ ଆୟୋଜିତ ୭୮ତମ ଷ୍ଟେଟ୍ ପୋଲିସ ଭଲିବଲ୍ ଓ ବାସ୍କେଟବଲ ଚାମ୍ପିୟନଶିପ୍-୨୦୨୬ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବାଲେଶ୍ୱର ପୋଲିସ ଓ ମୟୂରଭଞ୍ଜ ପୋଲିସ ଟିମ୍ ମଧ୍ୟରେ ଭଲିବଲ ଫାଇନାଲ ମ୍ୟାଚ ହୋଇଥିଲା। ବାଲେଶ୍ୱର ଟିମ୍‌କୁ ୩-୦ ସେଟରେ ପରାସ୍ତ କରି ମୟୂରଭଞ୍ଜ ପୋଲିସ ଟିମ୍ ଚାମ୍ପିୟନ ହୋଇଛି। ନ୍ୟାଶନାଲ ରେଫେରୀ ବିଦ୍ୟୁତଭୂଷଣ ରଥ, ଅଭ୍ରାଂଶୁ ମହାନ୍ତି, ଚିଫ୍ ରେଫେରୀ କେ. ଶିବରାମ ପାତ୍ର ଓ ଚିଫ ଟେକନିକାଲ ଅଫିସିଆଲ୍ ସୁଜୟ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ନିହାର ମଲ୍ଲିକ ଓ ତ୍ରିଲୋଚନ ଦାସ ସ୍କୋରିଂ ଦାୟିତ୍ୱରେ ଥିଲେ। ମୁଖ୍ୟଅତିଥି ଭାବେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର, ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଭଦ୍ରକ ଏଏସ୍‌ପି କାଶ୍ୟପ ପାର୍ଥ ଜଗଦୀଶ ଓ ଆଇପିଏସ୍ ପ୍ରବେଶନର ମନୀଷା ସୌଗୁନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଟିମକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମାଲକାନାଗିରି ପୋଲିସ ଟିମକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ବାସ୍କେଟବଲରେ ଚାମ୍ପିୟନ କଟକ ଓଏସ୍‌ଏପି ଷଷ୍ଠ ବାଟାଲିୟନ, ରନର୍ସ ଅପ ଛତ୍ରପୁର ଓଏସ୍‌ଏପି ଅଷ୍ଟମ ବାଟାଲିଆନ ଓ ତୃତୀୟ ବିଜେତା କମିଶନରେଟ ପୋଲିସ-ଏ ଟିମକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଏସ୍‌ପି ଗାୟତ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଗଣମାଧ୍ୟମ ହେଉଛି ସମାଜର ଦର୍ପଣ

## ନର୍ଥ ଓଡ଼ିଶା ମିଡିଆ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ

**ବାଲେଶ୍ୱର, ୨୬।୪(ବାଞ୍ଛାନିଧି ଦେ):**




ଉତ୍ସବରେ ମଞ୍ଚାସୀନ ବିଧାୟିକା ଓ ଅତିଥିଗଣ।

ବାଲେଶ୍ୱର ଷ୍ଟେସନ କ୍ଲବ ସମ୍ମିଳନୀ କକ୍ଷରେ ରବିର ନର୍ଥ ଓଡ଼ିଶା ମିଡିଆ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ 'ଏବେ ସାମ୍ବାଦିକତା କେମିତି ଚାଲିଛି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରି ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ସଦୃଶ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କଲେ ସବୁ ସମସ୍ୟାର ସମାଧାନ ସମ୍ଭବ ବୋଲି ସେ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ସିଦ୍ଧି ବିନାୟକ କଲେଜ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ବରିଷ୍ଠ ରାଜନେତା ସଞ୍ଜିବ ଗିରି, ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ସାମାଜିକ ଗଣମାଧ୍ୟମ ଭାରତବର୍ଷକୁ ସୁଦୃଢ଼ କରିଛି। ହେଲେ ଗଣମାଧ୍ୟମ ପ୍ରତିନିଧି ନିଜର ସ୍ୱାଧୀନତା ହରାଇ ବସିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। କ୍ଲବର ଚେୟାରମ୍ୟାନ୍ ଅମୀୟ ମହାନ୍ତି ସ୍ୱାଗତ ବକ୍ତବ୍ୟ ଦେଇ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମ ପ୍ରତିନିଧି ସୁମନା ପରିଡ଼ା, ଗୀତାଞ୍ଜଳି ଦାସ, ଚନ୍ଦ୍ରକାନ୍ତ ଜେନା, ଅଜିତ୍ ଦାସ, ଯୁବନେତା ସିମନ ଦାସମହାପାତ୍ର, ନର୍ସିଂ ଅଫିସର ଅନ୍ନପୂର୍ଣ୍ଣା କର ଓ ଖାଦ୍ୟ ବିଶେଷଜ୍ଞ ସ୍ମୃତି ନାୟକଙ୍କୁ କ୍ଲବ ତରଫରୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ହ୍ରିତିକ୍ ନାୟକ ମଞ୍ଚ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦିକା ଛବିରାଣୀ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। କ୍ଲବର ସମ୍ପାଦକ ଜୀବନ ସଂଗ୍ରାମ ମିଶ୍ର, ଅଧ୍ୟାପକ ସୁବାସ ଚନ୍ଦ୍ର ଦାସ, ଦୀପକ ଦାସ, ପ୍ରୀତିସୁନ୍ଦର ପରିଡ଼ା, ଆଶ୍ରିତା ତରାଇ, ଝୁମାରାଣୀ ଦେ ଓ ପିଙ୍କୁଲୁ ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଓଡ଼ିଶାରେ ଭଦ୍ରକର ସଂସ୍କୃତି ଅନନ୍ୟ: ଏମ୍‌ପି

## ଆରମ୍ଭ ହେଲା ବୈଶାଖୀ ମେଳା

ଭଦ୍ରକ,୨୬।୪(ସନାତନ ରାଉତ)

ଭଦ୍ରକର ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ମହାପର୍ବ ବୈଶାଖୀ ମେଳା-୨୦୨୬ ରବିବାର ସନ୍ଧ୍ୟା ୭ଟାରେ ନେହେରୁ ଷ୍ଟାଡିୟମ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଶହେ ବର୍ଷର ଓଡ଼ିଶା-୨୦୩୬ ଓ ଭଦ୍ରକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ ଓଡ଼ିଶା ଗଠନ ଶତବର୍ଷ ପୂର୍ତ୍ତି ଆଡ଼କୁ ଅଗ୍ରସର ହେଉଥିବା ବେଳେ ଭଦ୍ରକର ସଂସ୍କୃତି ଓ ସ୍ୱାଭିମାନ ସାରା ରାଜ୍ୟରେ ଅନନ୍ୟ ବୋଲି କହିଥିଲେ। ବୈଶାଖୀ ମେଳା କେବଳ ଏକ ଉତ୍ସବ ନୁହେଁ, ଆମ କଳା, ସାହିତ୍ୟ ଓ ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ସାରସ୍ୱତ ସେତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାଧ୍ୟାପକ ଡ. ଅମୂଲ୍ୟ କୁମାର ନାୟକ ଓ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କମିଟିର କାର୍ଯ୍ୟକାରୀ ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ପ୍ରଦାନ ଓ ରଞ୍ଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧିବକ୍ତା ଗଦାଧର ବଳ, ସାହିତ୍ୟିକ ଶାନ୍ତନୁ ରାଉତ, ବସୁମିତ୍ରା ସାହୁ, ଲଲାଟେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, କବି ମାନସ ପଣ୍ଡା, କୈଳାସ ମହାପାତ୍ର, ସୁଶାନ୍ତ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ମନୋରଞ୍ଜନ ଦାସ, ଲୋକନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ମେଳା ଆସନ୍ତା ମେ ୫ ପର୍ଯ୍ୟନ୍ତ ଚାଲିବ। ମେଳାରେ ବିଭିନ୍ନ ମନୋହରି ଦୋକାନ ସହ ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍, ହସ୍ତଶିଳ୍ପ ଓ କାରୁକାର୍ଯ୍ୟ, ଗୃହ ଉପକରଣ, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ପ୍ରତିଷ୍ଠାନ, ଖେଳଣା ସାମଗ୍ରୀ ଦୋକାନ ଖୋଲିଥିବା ବେଳେ ବିଭିନ୍ନ ଦୋଳି ଲାଗିଛି।



ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟ ଅତିଥି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଚାନ୍ଦବାଲି,୨୬।୪ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକର ଘଟପୁର ଗାଁରେ ରବିବାର ପୋଖରୀରେ ବୁଡ଼ି ବିନୋଦ ବଳ ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବିନୋଦ କୌଣସି କାମରେ ପୋଖରୀ ନିକଟକୁ ଯାଇଥିବାବେଳେ ଅସାବଧାନତାବଶତଃ ପାଣିରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ଘଟିସାରିଥିବା ଜଣାପଡ଼ିଥିଲା। ଖବର ପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାନ୍ଦବାଲି ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ ତାର କାଟିନେଲେ ଦୁର୍ବୃତ୍ତ

#### ଗରମରେ ସିଝୁଛନ୍ତି ଉପଭୋକ୍ତା

ବାସୁଦେବପୁର,୨୬।୪(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର ବୀଣାପଦା ଛକଠାରୁ ବେଲସାଉଁଳିଆ ପର୍ଯ୍ୟନ୍ତ ଯାଇଥିବା ୩୩ କେଭି ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତମାନେ ଶନିବାର ରାତିରେ କାଟି ନେଇଛନ୍ତି। ଫଳରେ ଶନିବାର ରାତି ୧୨ଟା ୩୦ ଠାରୁ ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ପଦ୍ମପୁର, ଏଡ଼ତାଳ, ସୁଗୋ, ଜଗନ୍ନାଥପ୍ରସାଦ, ବାଲିମେଦ ପଞ୍ଚାୟତର ବହୁ ଉପଭୋକ୍ତା ବିନା ବିଦ୍ୟୁତ୍‌ରେ ଗରମରେ ସିଝୁଛନ୍ତି। ଅଂଶୁଘାତରେ ଅଞ୍ଚଳର ୧୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏନେଇ ଟିପିଏନ୍‌ଓଡିଏଲ୍‌ର ବାସୁଦେବପୁର ଉପଖଣ୍ଡ ଅଧିକାରୀ ରାକେଶ ଦାସଙ୍କୁ ପଚାରିବାରୁ ସେ ସନ୍ଧ୍ୟା ସୁଦ୍ଧା ନୂଆ ତାର ସଂଯୋଗ କରାଯାଇ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି କହିଥିଲେ। ଚୋରି ହୋଇଥିବା ତାରର ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହୋଇଥିବା ବେଳେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତ,୨୬।୪(କିଶୋର କୁମାର ସେଠୀ)

ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତର ଜିରିଣା ଗ୍ରାମରେ ଶନିଶ୍ଚର ଗ୍ରହରାଜଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଚାଲିଛି। ଶନିବାର ରାତିରେ କଳସ ଶୋଭାଯାତ୍ରା ହୋଇଥିଲା। ରବିବାର ପ୍ରାତଃ ସମୟରୁ ମୁଖ୍ୟ ପୂଜକ ପଣ୍ଡିତ ବିରେନ୍ଦ୍ର କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଗୀତା ପାଠ, ଯଜ୍ଞ ଓ ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସୋମବାର ଯଜ୍ଞର ପୂର୍ଣ୍ଣାହୁତି ସହ ଉତ୍ସବ ଉଦ୍‌ଯାପନ ହେବ। ଗ୍ରାମର ପବିତ୍ର ପାତ୍ର, ଗଦାଧର ନାୟକ, ଅନାମ ମହାଲିକ, ଶରତ ଜେନା, ସୁଧାକର ରାଉତ, ସୁବାସ ଜେନା, ସିଦ୍ଧେଶ୍ୱର ଜେନା, ନରହରି ଜେନା, ଧନେଶ୍ୱର ନାୟକ, ରମେଶ ଚନ୍ଦ୍ର ଦାସ, ରମାକାନ୍ତ ଜେନା, ଅମୂଲ୍ୟ କୁମାର ମିଶ୍ର ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଛନ୍ତି।

# ଗୋଚାଲାଣ: ରାସ୍ତାରେ ଜାଳିଦେଲେ କାର୍

ଭଦ୍ରକ,୨୬।୪(ସନାତନ ରାଉତ/ ରବିନାରାୟଣ ଖିଲାର)



ଜଳିଯାଇଥିବା କାର୍।

ଭଦ୍ରକ ବନ୍ତଛକ ନିକଟସ୍ଥ ସତ୍‌ସଙ୍ଗ ମନ୍ଦିର ନିକଟ ରାସ୍ତା ଉପରେ ରବିବାର ଭୋର ସମୟରେ ଏକ କାର୍ ଜଳିଯାଇଛି। ଉକ୍ତ କାର୍‌ରେ ବେଆଇନ ଭାବେ ଗୋ ଚାଲାଣ ହେଉଥିଲା। କାର୍‌ରୁ ଗୋରୁଙ୍କୁ ଉଦ୍ଧାର କରାଯାଇ ନିଆଁ ଲଗାଯାଇଥିବା ଆଲୋଚନା ହେଉଛି। ତେବେ କାର୍‌ରେ କେତୋଟି ଗୋରୁ ଥିଲେ ଓ କେଉଁଠାରୁ ଆସୁଥିଲା, ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି, କାର୍‌ରେ କେତୋଟି ଗୋରୁ ଥିଲେ, କିଏ ଉଦ୍ଧାର କଲେ, କେମିତି ନିଆଁ ଲାଗିଲା ସେନେଇ ସ୍ପଷ୍ଟ ହୋଇ ନ ଥିବା ବେଳେ ତଦନ୍ତ ଚାଲିଛି। ଜଳି ଯାଇଥିବା କାର୍‌କୁ ଜବତ କରି ହେପାଜତରେ ରଖାଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ସାମଗ୍ରୀ ଜବତ, ୪ ଗିରଫ

ତିହିଡ଼ି,୨୬।୪ (ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ଶନିବାର ତିହିଡ଼ି ପୋଲିସ ଜବତ କରିଛି। ଏଥିସହ ୪ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବାରୋ ପଞ୍ଚାୟତ କଲ୍ୟାଣୀ ନଗର ଗ୍ରାମର ଜଗନ୍ନାଥ ଦାସ, ପ୍ରଶାନ୍ତ କୁମାର ଦାଶ, ଝିଙ୍କିରିଆ ଗ୍ରାମର ଲମ୍ବୋଦର ଦାସ ଏବଂ ନନ୍ଦପୁର ଗ୍ରାମର ଗୋରା ସାହା।

ପ୍ରକାଶ ଯେ, ଏହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ନଳକୂପ ଜଣେ ଠିକାଦାରଙ୍କ ମାଧ୍ୟମରେ ବସା ଯାଉଥିଲା। କାର୍ଯ୍ୟାଳୟରେ ନଳକୂପର ଯନ୍ତ୍ରାଂଶ ସହ ଅନ୍ୟ ସାମଗ୍ରୀ ରଖାଯାଇଥିଲା। ଗତ ୨୩ ତାରିଖରେ କାର୍ଯ୍ୟାଳୟ ପରିସରରୁ ସାମଗ୍ରୀ ଚୋରି ହୋଇଯାଇଥିବା ଠିକାଦାର ମନୋଜ ରାୟ ଜାଣିବା ପରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ.୧୪୨/୨୬) ରୁଜୁ ହୋଇଥିଲା। ଆଇଆଇସି ଲୋପାମୁଦ୍ରା ନାୟକ ଅଭିଯୁକ୍ତମାନଙ୍କୁ ଠାବ କରି ଗିରଫ କରିବା ପରେ ସେମାନେ ସବୁ ସାମଗ୍ରୀ ନନ୍ଦପୁର ବଜାରସ୍ଥିତ ଏକ କବାଡ଼ିଆ ଦୋକାନରେ ବିକ୍ରି କରିଥିବା ପ୍ରକାଶ କରିଥିଲେ। ପରେ ପୋଲିସ ସେହି ଦୋକାନରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଛି। ତଦନ୍ତ ପରେ ଜଗନ୍ନାଥଙ୍କ ନାଁରେ ପୂର୍ବରୁ ୨ଟି ମାମଲା ଥିବା ଆଇଆଇସି ନାୟକ କହିଛନ୍ତି।

# ପୂଜ୍ୟପୂଜା ସମ୍ମାନ ମହାକୁମ୍ଭ ମହୋତ୍ସବ




ମହୋତ୍ସବରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୨୬।୪ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିରରେ ଭୂମିପୁତ୍ର ସାରସ୍ୱତ ମଞ୍ଚ ପକ୍ଷରୁ ରବିବାର ପୂଜ୍ୟପୂଜା ସମ୍ମାନ ମହାକୁମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଡ. କ୍ଷୀରୋଦ କୁମାର ସାମଲ, ଅନ୍ୟତମ ଅତିଥି ଓ ବକ୍ତା ଭାବେ ସାମାଜିକ କର୍ମୀ ଅଜୟ କୁମାର ନାୟକ, ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ବେହୁରିଆ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ପ୍ରକାଶ ମହାପାତ୍ର, ଆନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଅବଦାନ ସମ୍ପର୍କରେ କହିଥିଲେ। ଅସହଯୋଗ ଆନ୍ଦୋଳନରେ ଭଣ୍ଡାରିପୋଖରୀର ନେତୃତ୍ୱ ସର୍ବଦା ସ୍ମରଣୀୟ ହୋଇ ରହିବ। ଏଥିସହ ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ସମ୍ପର୍କରେ ଉତ୍ତରଦାୟାଦମାନେ ଜାଣିବା ଆବଶ୍ୟକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ବସୁଧା ଜନ ଜୀବନର ସ୍ୱର'ର ମୁକ୍ତି ସଂଗ୍ରାମରେ ଭଣ୍ଡାରିପୋଖରୀ ଥାନା ପୋଡ଼ି-ଲୁଣିଆ ଗୁଳିକାଣ୍ଡ-ରକ୍ତତୀର୍ଥ ଇରମର ଐତିହାସିକ ପୃଷ୍ଠଭୂମି ନିବେଦିତ ସ୍ୱତନ୍ତ୍ର ସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ଯୋଗ୍ୟଶ୍ରୀ ସାମଲ, ସନ୍ଦୀପ ରାୟ, ଡ. ରୂପନାରାୟଣ ସାହୁ, ପ୍ରମୋଦ ରାଉତ, ଅଜୟ ନାୟକ, ପ୍ରକାଶ ମହାପାତ୍ର, ପୂଜାରାଣୀ ଦାସ, ବିଶ୍ୱରଞ୍ଜନ ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପବନ ନାୟକ, କେଶବ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ଜବତ, ବିକ୍ରେତା ଗିରଫ

ତିହିଡ଼ି,୨୬।୪(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରି ଜଣେ ଚୋରା ଦେଶୀମଦ ବିକ୍ରେତାଙ୍କ ଘରୁ ୧୫ ଲିଟର ଆସ୍କାଫର୍ଟି ଜବତ କରିଛି। ଏଥିସହ ବିକ୍ରେତା ବାସୁଦେବ ବେହେରାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ.୧୪୨/୨୬) ରୁଜୁ ହୋଇଛି। ଦୋଳସାହି ଗ୍ରାମର ବାସୁଦେବ ଦେଶୀମଦ ଚୋରା କାରବାର ଚଳାଇଥିଲେ। ଆଇଆଇସି ଲୋପାମୁଦ୍ରା ନାୟକ କୌଣସି ସୂତ୍ରରୁ ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ଘରେ ଚଢ଼ାଉ କରିଥିଲେ।

# ହନୁମାନଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ

ଧୁଷୁରୀ,୨୬।୪(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ କୁଳେଇପଦାରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ସହ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଶନିବାର ୧୦୮ଜଣ ମହିଳା ଶୋଭାଯାତ୍ରାରେ ଯାଇ ବୈତରଣୀରେ କଳସ ବୁଡ଼ାଇଥିଲେ। ରବିବାର ପ୍ରଭାତରୁ ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଗୋ ପୂଜା, ଘୃତାହୁତି ଆଦି କାର୍ଯ୍ୟ ସମାପନ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉପସ୍ଥିତ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା। ଗ୍ରାମର ଯୁବକ ସର୍ବେଶ୍ୱର ନାୟକ ଓ ତାଙ୍କ ସ୍ତ୍ରୀ, ପ୍ରଣୟ ଖଟୁଆ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ପଣ୍ଡିତ ବସନ୍ତ ଶତପଥୀ, ଅଚ୍ୟୁତାନନ୍ଦ ଶତପଥୀ, ଲମ୍ବୋଦର ପାଢ଼ୀ, ବିଚିତ୍ରାନନ୍ଦ ପଣ୍ଡା, ଆକାଶ ପାଢ଼ୀ ଶଙ୍କର୍ଷଣ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଟାଓର ସାଧାରଣ କାର୍ଯ୍ୟକାରିଣୀ ବୈଠକ, ଶପଥପାଠ




ଭଦ୍ରକ, ୨୬।୪ (ରବିନାରାୟଣ ଖିଲାର)

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା(ଟାଓ)ର ସାଧାରଣ କାର୍ଯ୍ୟକାରିଣୀ ବୈଠକ ରବିବାର ଚରମ୍ପାସ୍ଥିତ ମେଘା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ନିର୍ବାଚନ ଅଧିକାରୀ ଅଧିବକ୍ତା ରୋହିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ନିର୍ବାଚନରେ ନିର୍ବାଚିତ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଶପଥପାଠ କରାଯାଇଥିଲା। ସଭାପତି ଓଡ଼ିଶା କ୍ରିକେଟ ଆସୋସିଏଶର ପୂର୍ବତନ ସଭାପତି ଧିରେନ ପଲାଇ, କାର୍ଯକାରୀ ସଭାପତି ଅଧିବକ୍ତା ଜତିକାନ୍ତ ନାୟକ, ଉପସଭାପତି ରମେଶ କୁମାର ପ୍ରଧାନ, ରମେଶ କୁମାର ଜେନା, ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷ ବିଦ୍ୟାଧର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଅଧିବକ୍ତା ପବନ ଶର୍ମା, ଡ. ତରୁଣ କୁମାର ବେହେରା, ରବିନାରାୟଣ ଓଝା, ସୁଧାକର ଜେନା, ରାଜେଶ ବିଶ୍ୱାଳ, ବିଶାଲ ଲଖାନୀ, ଅଜୟ କୁମାର ଧଳ ଓ ଆଦ୍ୟାଶା ଦାସ ଶପଥପାଠ କରିଥିଲେ।

# ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ତିହିଡ଼ି,୨୬।୪ (ସଞ୍ଜିତ ବଳ/କାଳନ୍ଦୀ ବେହେରା)

ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତ ନାଦୋର ଗ୍ରାମର ସୋନାଲିକା ଜେନା ନାମ୍ନୀ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ପୂର୍ବ ଶତ୍ରୁତାରୁ ତାଙ୍କ ବୋହୂଙ୍କୁ ହତ୍ୟା କରାଯାଇଥିବା ମୃତ ସୋନାଲିକାଙ୍କ ଶ୍ୱଶୁର ସୁରେନ୍ଦ୍ର ଜେନା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୧୪୬/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୁରେନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ପରିବାର ସହ ପଡ଼ୋଶୀଙ୍କର ଗଣ୍ଡଗୋଳ ହେବାରୁ ଶତ୍ରୁତା ଉପୁଜିଥିଲା। ପରେ ଏହାର ସମାଧାନ ହୋଇଥିଲେ ବି ତାଙ୍କ ପରିବାର ଓ ପଡ଼ୋଶୀଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ଏହି ଶତ୍ରୁତାରୁ ସେମାନେ ତାଙ୍କ ବୋହୂଙ୍କୁ ଶନିବାର ରାତିରେ ହତ୍ୟା କରି ମୃତଦେହ ଘର ନିକଟସ୍ଥ ବାଡ଼ିରେ ଥିବା ଏକ ଗଛରେ ଝୁଲାଇ ଦେଇଛନ୍ତି। ସେ ଓ ତାଙ୍କ ପରିବାର ଲୋକେ ସୋନାଲିକାଙ୍କୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ଗଛରେ ଝୁଲୁଥିବା ଜାଣିବାକୁ ପାଇଥିଲେ। ପଡ଼ୋଶୀମାନେ ଷଡ଼ଯନ୍ତ୍ର କରି ସୋନାଲିକାଙ୍କୁ ହତ୍ୟା କରିଥିବା ସୁରେନ୍ଦ୍ର ଏତଲାରେ ଉଲ୍ଲେଖ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ହତ୍ୟା କିମ୍ବା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

# ପ୍ରାଦେଶିକ ମେଧା ପରୀକ୍ଷାରେ ୨ ଛାତ୍ରୀଙ୍କ ସଫଳତା

ଅସୁରାଳି,୨୬।୪(ସନ୍ତୋଷ ସାହୁ)

ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା ହୋଇଥିବା ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫-୨୬ରେ ଅସୁରାଳି ଅଞ୍ଚଳର ୨ ମେଧାବୀ ଛାତ୍ରୀ ସଫଳତା ହାସଲ କରି ଗୌରବ ଆଣିଛନ୍ତି। ଅସୁରାଳିର ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁମନ୍ଦିରର ୭ମ ଶ୍ରେଣୀ ଛାତ୍ରୀ ତଥା ବ୍ୟାଙ୍କ ମ୍ୟାନେଜର ବିଭୁ ପ୍ରସାଦ ସାମନ୍ତ ଓ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ତ୍ରିପାଠୀଙ୍କ ଝିଅ ସ୍ନେହା ୯୧ ପ୍ରତିଶତ ନମ୍ବର ରଖି ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହି ବିଦ୍ୟାଳୟର ୭ମ ଶ୍ରେଣୀର ଅନ୍ୟତମ ଛାତ୍ରୀ ରୀତିକୃଷ୍ଣା ପଣ୍ଡା ରାଜ୍ୟରେ ୯ମ ସ୍ଥାନ ଅଧିକାର କରିଛନ୍ତି। ସେ କଟସାହି ବଉଳନାଳି ଶାସନର ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ ସାନଝିଅ। ସେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭଦ୍ରକର ଗର୍ବ ଚିତ୍ରଶିଳ୍ପୀ କ୍ରୀତିକ୍ରୀଷ୍ଣା ପଣ୍ଡାଙ୍କ ଭଉଣୀ। ଏହି ସଫଳତା ପାଇଁ ୨ ଛାତ୍ରୀ ସେମାନଙ୍କ ଗୁରୁଜୀ ଓ ଗୁରୁମା'ଙ୍କୁ ଶ୍ରେୟ ଦେଇଛନ୍ତି।

# ଆରୋଗ୍ୟ ମିତ୍ର ତାଲିମ ଶିବିର

ଭଦ୍ରକ,୨୬।୪ (ସନାତନ ରାଉତ)

ଭଦ୍ରକ ସହରାଞ୍ଚଳସ୍ଥିତ ଜିଲା ପଞ୍ଚାୟତ ସମ୍ବଳ ତାଲିମ କେନ୍ଦ୍ରଠାରେ ରବିବାର ଭାରତ ସରକାରଙ୍କ ପକ୍ଷରୁ ଜଳବାୟୁ ସୁରକ୍ଷା ପରିଷଦ ଦ୍ୱାରା ଆରୋଗ୍ୟ ମିତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଷଦର ମୁଖ୍ୟ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସୁରେଶ ସାମଲ, ବରେଣ୍ୟ ଅତିଥି ଆରୋଗ୍ୟ ମିତ୍ର ଅନୁଷ୍ଠାନର ସମ୍ପାଦକ ଦୁର୍ଗା ଚରଣ ମିଶ୍ର ଓ ଜଳବାୟୁ ସୁରକ୍ଷା ପରିଷଦ ସଦସ୍ୟ ଉତ୍କଳ କୁମାର ରାଉତ ଯୋଗଦେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ସୁରେଶ କୁମାର ନାୟକ ଓ ଆୟୁର୍ବେଦିକ ଡାକ୍ତର ବିକ୍ରମ ସାହୁ ଯୋଗଦେଇ ରୋଗ ପାଇଁ ଯୋଗ, ଆୟୁର୍ବେଦିକ ଉପଚାର ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଜିଲାର ବିଭିନ୍ନ ପଞ୍ଚାୟତରୁ ୪୦ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଏଥିରେ ଯୋଗ ଦେଇଥିଲେ। ସେମାନେ ନିଜ ପଞ୍ଚାୟତରେ ଜନସାଧାରଣଙ୍କୁ ଯୋଗ ଶିକ୍ଷା ଓ ଆୟୁର୍ବେଦ ଚିକିତ୍ସା ଯୋଗାଇବା ସହ ସଚେତନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ଶିବିରରେ ଉପସ୍ଥିତ ଅତିଥି।

# 'ପ୍ରାଣୀ ପାଳନ କ୍ଷେତ୍ରରେ ଭଦ୍ରକ ହେବ ଅଗ୍ରଣୀ ଜିଲା'

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ଭଦ୍ରକ,୨୬।୪(ସନାତନ ରାଉତ)

ଭଦ୍ରକ ଜିଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୬ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରାଣୀ ପାଳନ କ୍ଷେତ୍ରରେ ଭଦ୍ରକ ଜିଲାକୁ ଏକ ଅଗ୍ରଣୀ ଜିଲା ଭାବେ ପରିଗଣିତ କରିବା ପାଇଁ ପ୍ରାଣୀ ଚିକିତ୍ସକମାନେ ନିରନ୍ତର ଚେଷ୍ଟା କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ କ୍ଷେତ୍ରରେ ସମଗ୍ର ରାଜ୍ୟରେ ଭଦ୍ରକ ଜିଲା ଚତୁର୍ଥ ସ୍ଥାନ ହାସଲ କରିଥିବାରୁ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଣୀ ଚିକିତ୍ସା ବିଭାଗ ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡା. ସଞ୍ଜୟ କୁମାର ପଣ୍ଡା ଏବଂ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା ଯୋଗ ଦେଇଥିଲେ।

ଏହି ଅବସରରେ ୪ଜଣ ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସକ ଡା. ନିରଞ୍ଜନ ଜେନା ସଭା ପରିଚାଳନା କରିଥିବା ବେଳେ ଏସ୍‌ଡିଭିଓ ଡା. ସୁନୀଲ କୁମାର ଭୂୟାଁ ଓ ଭଦ୍ରକ ଜିଲା ପ୍ରାଣୀ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡା. ଭକ୍ତହରି ମଲ୍ଲିକ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ପ୍ରଭୁକଲ୍ୟାଣ ପାଣି, ଡା. ଶୁଭମ କୁମାର ସାହୁ ଓ ଡା. ସତ୍ୟଜିତ ସାହୁଙ୍କ ସହ ଜିଲାର ସମସ୍ତ ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ତରୁଣ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ଡା. ଶୁଭମ୍ କୁମାର ସାହୁଙ୍କୁ ସମ୍ମାନିତ କରାଯାଉଛି।

# ଧର୍ମପରାୟଣାଙ୍କ ପରଲୋକ

ବାରିପଦା,୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବାରିପଦା ସହର ଷ୍ଟେଶନବଜାର ୱାର୍ଡ ନଂ. ୧୨ସ୍ଥିତ ବାସଭବନରେ ଧର୍ମପରାୟଣା ବୃଦ୍ଧା ରମାମଣି ସେନାପତି(୭୩)ଙ୍କ ରବିବାର ଅପରାହ୍ନ ୨ଟା ୫୦ରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ନିତ୍ୟାନନ୍ଦ, ବଡ଼ବୋହୂ ମମତାମୟୀ, ସାନପୁଅ ରାମେଶ୍ୱର, ସାନବୋହୂ ନମିତା, ଝିଅ ଅମ୍ବିକା ବଳ, ଜ୍ୱାଇଁ କମଳାକାନ୍ତ ବଳ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ମଧୁବନ ବାରୁଣୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପାଦନ କରାଯାଇଛି।

# ଉଦ୍‌ଘାଟନ ହେଲା 'ବାରିପଦା ଏକ୍ସପୋ-୨୦୨୬'

ବାରିପଦା, ୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସଂସ୍କୃତି, ବାଣିଜ୍ୟ ଓ ସମୁଦାୟକୁ ଏକତ୍ର କରିବା ଉଦ୍ଦେଶ୍ୟରେ ବାରିପଦା କଲେଜ ପଡିଆରେ 'ବାରିପଦା ଏକ୍ସପୋ-୨୦୨୬' ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଖବରଦାତା କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାର ଆସୋସିଏଶନ ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ୧ ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ସୋମନାଥ ସିଂହ ଏବଂ ଶିକ୍ଷକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ମେଗା ଏକ୍ସପୋ ମାଧ୍ୟମରେ ବାରିପଦା ସହିତ ଜିଲା ତଥା ଜିଲା ବାହାରର କଳା, ସଂସ୍କୃତି, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟକୁ ଏକ ନୂଆ ପରିଚୟ ପ୍ରଦାନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜନ କମିଟି ମୁଖ୍ୟ ସଞ୍ଜୟ ସାହୁ ପ୍ରକାଶ କରିଛନ୍ତି। ଆଗାମୀ ମେ' ୫ ତାରିଖ ପର୍ଯ୍ୟନ୍ତ ମୋଟ ୧୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଜିଲା ତଥା ଜିଲା ବାହାରୁ ବିଭିନ୍ନ ପ୍ରକାର ପ୍ରାୟ ୬୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ମିନାବଜାର ଓ କୁନି କୁନି ପିଲାଙ୍କ ପାଇଁ ଦୋଳିଝୁଲା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ଜଣାଇଛନ୍ତି।



ଏକ୍ସପୋ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ମାହାର୍ଦ୍ଧାପଲସାରେ ଚବିଶ ପ୍ରହର ନାମ ସଂକୀର୍ତ୍ତନ

ରାଇରଙ୍ଗପୁର, ୨୬।୪(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅନ୍ତର୍ଗତ ମାହାର୍ଦ୍ଧାପଲସା ଗ୍ରାମର ଶିକ୍ଷାବିତ୍ କ୍ଷୀରମଣି ମହାନ୍ତ ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଛନ୍ତି। ତେବେ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାହାର୍ଦ୍ଧାପଲସା ଗ୍ରାମରେ ଚବିଶ ପ୍ରହର ନାମ ସଂକୀର୍ତ୍ତନ ମହାଯଜ୍ଞର ଆୟୋଜନ କରି ଆସୁଥିବା କ୍ଷୀରମଣିଙ୍କ ଉଦ୍ୟମ ସର୍ବଦା ଆନନ୍ଦମୟ ପରିବେଶ ସୃଷ୍ଟି କରିଆସିଛି। ଚଳିତବର୍ଷ ଶୁକ୍ରବାରଠାରୁ ଅଧିବାସ ଅଙ୍କୁରାରୋପଣ ଆରମ୍ଭ ହୋଇ ଶନିବାର ଘଟ ଆନୟନ ଏବଂ ରବିବାରଠାରୁ ତ୍ରିଦିବସୀୟ ଚବିଶ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ନାମଯଜ୍ଞକୁ ସର୍ବତ୍ର ଭାବରେ ସଫଳ କରିବାକୁ ହରେକୃଷ୍ଣ ମହାନ୍ତ, ଲୋକନାଥ ମହାନ୍ତ, ହିତାଂଶୁ ଶେଖର ମହାନ୍ତ, ମଧୁସୂଦନ ମହାନ୍ତ ପ୍ରମୁଖଙ୍କ ସହ ପରିବାର ବର୍ଗ ଏବଂ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ମଧ୍ୟ ସହଯୋଗ କରିଛନ୍ତି। ଯଶିପୁର ବିଧାୟକ ତଥା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାଧୁବାଦ ଜଣାଇଛନ୍ତି।

# ମଦ ଦୋକାନ ସାମ୍ନାରୁ ବାଇକ୍ ଲୁଟ


ସିସିଟିଭିରେ କଏଦ୍ ହୋଇଥିବା ଲୁଟ୍ ବେଳର ଦୃଶ୍ୟ।

ଉଦଳା, ୨୬।୪(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଉଦଳା-ବାରିପଦା ରାଜ୍ୟ ରାଜପଥର କଳିଆ ଛକ ନିକଟରେ ଥିବା ମଦ ଦୋକାନ ସାମ୍ନାରୁ ଏକ ବାଇକ୍ ଲୁଟ୍ ହୋଇଛି। ଶନିବାର ମଧ୍ୟାହ୍ନରେ ଏହି ଘଟଣା ଘଟିଥିବା ବେଳେ ସିସିଟିଭିରେ ଦୃଶ୍ୟ କଏଦ୍ ହୋଇଛି। ଏନେଇ ବାଇକ୍‌ର ମାଲିକ ଉଦଳାର ପରେଶ କୁମାର ସାମଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।
ସୂଚନା ଅନୁଯାୟୀ, ୨ଜଣ ଦୁର୍ବୃତ୍ତ ସ୍ପଷ୍ଟ ଦିବାଲୋକରେ ହାଫ୍ ପ୍ୟାଣ୍ଟ ପିନ୍ଧି ଆସି ଦୋକାନରୁ ମଦ କିଣିଥିଲେ। ମଦ କିଣିବା ପରେ ଦୋକାନ ବାହାରେ ଥିବା ଏକ ବାଇକ୍ ଲୁଟିଥିଲେ। ବାଇକ ଲୁଟିବା ପୂର୍ବରୁ ନିଜ ବାଇକ୍ ଭଳି ଗାଡ଼ି ଉପରେ ଶୋଇବା ସହ ଚାବିରେ ଗାଡ଼ି ଖୋଲିବାକୁ ଉଦ୍ୟମ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଲକ୍ ଭାଙ୍ଗି ବାଇକ୍ ଲୁଟ୍ କରିଥିବା ସିସିଟିଭିରେ କଏଦ୍ ହୋଇଛି। ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ୨ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଭୁଲ୍‌ବଶତଃ ସେମାନେ ଗାଡ଼ି ନେଇଯାଇଥିବା କହିଥିଲେ। ପରେ ସେମାନେ ଉକ୍ତ ଗାଡ଼ି ଫେରାଇଥିଲେ। ଏହାପରେ ପୋଲିସ ୨ ଯୁବକଙ୍କୁ ଛାଡ଼ି ଦେଇଛି ବୋଲି ଉଦଳା ଥାନା ଅଧିକାରୀ ବନମାଳୀ ବାରିକ କହିଛନ୍ତି।

# ନୂତନ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମୋରଡ଼ା,୨୬।୪(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ସଦର ମହକୁମା ଚିତ୍ରଡ଼ାରେ ଥିବା ଶିଳଦା ଗାଁ ତଥା ଜମ୍ବିରା ନଦୀ କୂଳରେ ବାବା ଶ୍ରୀ ଶିଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଗତ ମଙ୍ଗଳବାରଠାରୁ ବିଧି ଅନୁଯାୟୀ ଅଙ୍କୁରାରୋପଣ, ପଞ୍ଚଗ୍ୟ, କୁଣ୍ଡମଣ୍ଡଳ କରଣ ଏବଂ ଅଧିବାସ ଆରମ୍ଭ କରାଯାଇଥିଲା। ବୁଧବାର ସକାଳୁ ଜଳଯାତ୍ରା, ଶିଖର ସ୍ନାନ କରି ଠାକୁରଙ୍କ ସ୍ନାନ ମଣ୍ଡପକୁ ବିଜେ ହୋଇଥିଲେ। ଗୁରୁବାର ଠାକୁରଙ୍କ ସିଂହାସନକୁ ବିଜେ ଏବଂ ପ୍ରାଣ ପ୍ରତିଷ୍ଠା ବିଧି କରାଯାଇଛି। ଶୁକ୍ରବାର ଶିବଙ୍କ ୧୦୦୮ ଆହୁତି ପରେ ପୂର୍ଣ୍ଣାହୁତି ସହିତ ଅଷ୍ଟପ୍ରହରୀ ନାମ ଆରମ୍ଭ କରାଯାଇ ଶନିବାର ଦିନ ଦଧିଭଞ୍ଜନ ଓ ନାମ ସମାପନ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ପ୍ରଥମେ ଶିଳଦା ଗ୍ରାମର ଅବସରପ୍ରାପ୍ତ ପୋଲିସ ଅଧିକାରୀ ରୋହିତାଶ୍ୟ ବେହେରାଙ୍କ ପ୍ରଚେଷ୍ଟା ଏବଂ ଅନୁଦାନରେ ଶିବମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା ପରବର୍ତ୍ତୀ ସମୟରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରେ ବହୁ ମହିଳା ଭକ୍ତ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ। ବାରିପଦା ଜଗନ୍ନାଥ ମନ୍ଦିରର ପୂଜକ ଶଙ୍କର ତ୍ରିପାଠୀ ଓ ତାଙ୍କ ସହଯୋଗୀ ପୂଜକଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କର୍ମ କରାଯାଇଛି। ମନ୍ଦିର କମିଟିର ସଭାପତି କାଳିପଦ ବେହେରା ଏବଂ ସମ୍ପାଦକ ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ଦିନ ଧରି ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ତରଫରୁ ପ୍ରତିଷ୍ଠା ଦିନ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। କମିଟିର ସଦସ୍ୟ କମଳଲୋଚନ ବେହେରା, ଜନ୍ମେଜୟ ବେହେରା, ନିର୍ମଳ ବେହେରା, ଶରଣ ବେହେରା, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସାର୍ନା ଧର୍ମକୁ ଫେରିଲେ ୬ ପରିବାର

ଠାକୁରମୁଣ୍ଡା,୨୬।୪
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡିହା ପଞ୍ଚାୟତର ବଡ଼ ବାଲିପୋଷି ଗ୍ରାମ ନିକଟସ୍ଥ କାର୍କାଟବେଡା ଗ୍ରାମର ୬ ପରିବାରର ୨୯ଜଣ ସଦସ୍ୟ ରବିବାର ନିଜ ପୂର୍ବପୁରୁଷଙ୍କ ଧର୍ମ ସାର୍ନା ଧର୍ମକୁ ଫେରିଛନ୍ତି। ସୂଚନା ଅନୁଯାୟୀ, ଏହି ଗ୍ରାମର ୬ ପରିବାର କିଛି ବର୍ଷ ପୂର୍ବରୁ ସାର୍ନା ଧର୍ମ ତ୍ୟାଗ କରି ଅନ୍ୟ ଏକ ଧର୍ମ ଗ୍ରହଣ କରିଥିଲେ। ପରେ ସେମାନେ ନିଜ ପୂର୍ବପୁରୁଷଙ୍କ ପରମ୍ପରା, ରୀତିନୀତି ଓ ସଂସ୍କୃତିକୁ ଆପଣାଇବା ପାଇଁ ପୁନର୍ବାର ସାର୍ନା ଧର୍ମକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି ଅବସରରେ ମାଝୀ ବାବା ଜିତରାୟ ମୁର୍ମୁଙ୍କ ନେତୃତ୍ୱରେ ନାଏକେ ବାବା ଜିତରାୟ ମୁର୍ମୁଙ୍କ ଦ୍ୱାରା ସାନ୍ତାଳୀ ପରମ୍ପରା ଅନୁଯାୟୀ ବିଧିବଦ୍ଧ ପୂଜାପାଠ ଓ ଧାର୍ମିକ ଆଚାର ଅନୁଷ୍ଠିତ ହୋଇଥିଲା। ପୂଜାପାଠ ଶେଷରେ ୨୯ ସଦସ୍ୟଙ୍କୁ ପୁନର୍ବାର ସାର୍ନା ଧର୍ମରେ ସ୍ୱାଗତ କରାଯାଇଥିଲା।
ପ୍ରାୟ ୪ ବର୍ଷ ପୂର୍ବରୁ ଏ ସମସ୍ତ ପରିବାରରେ ସଦସ୍ୟଙ୍କୁ ରୋଗ ହେଉଥିବାରୁ ଭଲ ହେବା ପାଇଁ ସେମାନେ ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିଥିଲେ। ଏବେ ସେମାନେ ସ୍ୱଇଚ୍ଛାରେ ତାଙ୍କ ମୂଳ ଧର୍ମକୁ ଫେରିଥିବା କହିଛନ୍ତି। ଉପସ୍ଥିତ ଗ୍ରାମବାସୀ ସେମାନଙ୍କୁ ଅଭିନନ୍ଦନ ଜଣାଇ ସାମାଜିକ ଏକତା ଓ ପରମ୍ପରାର ସୁରକ୍ଷା ପାଇଁ ସମସ୍ତଙ୍କୁ ଏକତ୍ର ରହିବାକୁ କହିଥିଲେ।

# ଜଳଛତ୍ର ଉଦ୍‌ଘାଟିତ




ବାରିପଦା, ୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ସେବା ଯୋଜନା ୟୁନିଟ ଦ୍ୱାରା ଏକ ଜଳଛତ୍ର କେନ୍ଦ୍ର ମହାରାଜପୁର ଛକରେ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ୟୁନିଟ ଏବଂ ଯୁବ ରେଡକ୍ରସ ୟୁନିଟ୍ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ, ଅଧ୍ୟାପିକା, ଯୁବ ରେଡ୍‌କ୍ରସ କାଉନସିଲର ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ତଥା ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ସୁଶ୍ରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧକ୍ଷ ଜ୍ଞାନରଞ୍ଜନ ପଣ୍ଡା ଉଦ୍‌ଘାଟନ କରିବା ସହ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ଏହି ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ । ଯୁବ ରେଡକ୍ରସ କାଉନସେଲର ଓ ଅନ୍ୟ ଅଧ୍ୟାପକମାନେ ମଧ୍ୟ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ଦିନରେ ସ୍ୱେଚ୍ଛାସେବୀମାନେ ଛାତ୍ରଛାତ୍ରୀ, ପଥଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଥଣ୍ଡା ପାନୀୟ ଜଳ ଓ ସରବତ ବଣ୍ଟନ କରିବା ସହ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ।

# ମା' ମନସାଙ୍କ ସାର୍ବଜନୀନ ପୂଜା

ବାଲିଆପାଳ, ୨୬।୪
(ଗୋପାଳ ଚନ୍ଦ୍ର ସାହୁ):

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଗ୍ରାମର ଉତ୍ତର ସାହି ଛକ ନିକଟରେ ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ଶନିବାର ରାତିରେ ମା' ମନସାଙ୍କର ସାର୍ବଜନୀନ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ମା'ଙ୍କର ଘଟୋତ୍ତଳନ କରାଯାଇ ରାତିତମାମ ପୂଜାର୍ଚ୍ଚନା କରାଯିବା ସହିତ ମା' ମନସାଙ୍କ ଉପରେ ଏକ ଗୀତିନାଟ୍ୟ ପରିବେଷଣ ହୋଇଥିଲା। ଏହି ଗୀତିନାଟ୍ୟ ମାଧ୍ୟମରେ ମା' ମନସା ଦେବୀଙ୍କ ଗୁଣଗାନ କରାଯାଇଥିଲା। ପୂଜା କମିଟି ସଦସ୍ୟ କୀର୍ତ୍ତନ ମହାନା, ସୁଶାନ୍ତ ଖଣ୍ଡା, ଶିବ ପ୍ରସାଦ ସାହୁ, ନାରାୟଣ ଗଙ୍ଗାଇ, ଧନଞ୍ଜୟ ବାରିକ, ଜୟ ପ୍ରକାଶ ଖଣ୍ଡା, ଶ୍ରୀକାନ୍ତ ମାହାନା, ଜୟ ନାରାୟଣ ଖଣ୍ଡା, ବିଭୂତି ଭୂଷଣ ଖଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ପଞ୍ଚାରୁଖୀ ଗ୍ରାମ ସହିତ ପଡ଼ୋଶୀ ଚୌଧୁରୀକୁଦ, ଚରବସ୍ତକାଳରୁଇ ଗ୍ରାମର ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମାପନ ହୋଇଥିଲା ବୋଲି କମିଟିର ସଦସ୍ୟ ମାହନା କହିଛନ୍ତି।

# ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର, ୨୬।୪
(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରର ପ୍ରସିଦ୍ଧ ମିର୍ଜାପୋଖରୀଠାରେ ୧୦୮ତମ ଚନ୍ଦନ ଯାତ୍ରା ଶନିବାର ଉଦଘାଟିତ ହୋଇଯାଇଛି। କମିଟିର ସଭାପତି ପଦ୍ମଲୋଚନ ଲେଙ୍କା ଚନ୍ଦନ ଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଏହି ଚନ୍ଦନଯାତ୍ରା ଆୟୋଜିତ ହୋଇଛି। କମିଟି ସମ୍ପାଦକ ଅରୁଣ ସ୍ୱାଇଁ ପୌରୋହିତ୍ୟ କରି ମେ ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଯୁବନେତା ସରୋଜ କୁମାର ଲେଙ୍କା, ଅନୁପ ସ୍ୱାଇଁ, ମନୋଜ ଦାସ, ଅବସ ଦାସ, ଶୌର୍ଯ୍ୟସୁନ୍ଦର ସେନ, ପ୍ରଭାତ ମହାନ୍ତି, ଅବିନାଶ ସ୍ୱାଇଁ, ଦେବାନନ୍ଦ ରାଉତ ପ୍ରମୁଖ କମିଟିର କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ନାବକେଳି ଓ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। କମିଟି ଉପସଭାପତି ଶ୍ରୀକାନ୍ତ ବୁଗୁଡାଇ ଧନ୍ୟବାଦ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ସ୍ଥାନୀୟ ମିଶ୍ରସାହିରୁ ଶ୍ରୀମଦନ ମୋହନଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା ପରେ ନାବକୁ ଆଗମନ ଓ ନାବକେଳି ଅନୁଷ୍ଠିତ ହୋଇଥିଲା। ମେଳାରେ ଜିଲା ଓ ଜିଲା ବାହାରୁ ବହୁ ଦୋକାନୀ ଓ ବ୍ୟବସାୟୀ ଏଠାରେ ପସରା ମେଲାଇଥିବା ଦେଖିବାକୁ ମିଳିଛି।

# ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜରୁରୀ ବୈଠକ

ବାରିପଦା, ୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀ ଓ ସଂଘୀୟ କର୍ମକର୍ତ୍ତାମାନଙ୍କୁ ନେଇ ଏକ ମିଳିତ ବୈଠକ ସ୍ଥାନୀୟ ବାରିପଦା ଆଥଲେଟିକ ଆସୋସିଏଶନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ସଭାପତି ଡିମ୍ପଲ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନେ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି, ଅଧିକାଂଶ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟଜଳ ଅଭାବ, ବିଶୃଙ୍ଖଳା ସୃଷ୍ଟିକାରୀ ଏସଏଚ୍‌ଜିକୁ ବିଦ୍ୟାଳୟରେ ଯୋଡିବା, ଶିକ୍ଷାଦାନ ବ୍ୟତୀତ ଶିକ୍ଷକମାନଙ୍କୁ ଅନ୍ୟାନ୍ୟ ଅଣ-ଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁ ମାନସିକ ଚାପର ବଶବର୍ତ୍ତୀ ହେଉଥିବାରୁ ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ ସାମୂହିକ ଭାବେ ମେସ ପରିଚାଳନା ଦାୟିତ୍ୱରୁ ଓହରିବା ଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କଲେ। ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଜିଲା ପ୍ରଶାସନ କୌଣସି ସହଯୋଗ କରୁ ନ ଥିବାନେଇ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି ।
ଖୁବଶୀଘ୍ର ଏହାର ଦୃଢ ପ୍ରତିବାଦପୂର୍ବକ ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀ ତଥା ବିଭାଗୀୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଜିଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମେସ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି ପାଇଁ ସମୂହ ଇସ୍ତଫାପତ୍ର ପ୍ରଦାନ କରାଯିବା ସହ ହେଡକ୍ୱାଟର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜେନାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛି। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ଦୀପକ କୁମାର ଦଣ୍ଡପାଟ, ଦୀପ୍ତିକାନ୍ତ ଜେନା, ପ୍ରଶାନ୍ତ କୁମାର ସାହୁ, ଭବାନୀଶଙ୍କର ବେହେରା, ମନୋଜ କୁମାର ପତି, ରବିକାନ୍ତ ମିଶ୍ର, ସୁକେଶ କୁମାର ବେହେରା ଓ ସଂଘର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା କିଭଳି ରହିବ ସେ ନେଇ ନିଜର ମତ ରଖିଥିଲେ। ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଏହାକୁ ସଫଳ କରିଥିଲେ। ବୈଠକର ଆରମ୍ଭରେ ପ୍ରଧାନ ଶିକ୍ଷକ ପ୍ରଧାନଶିକ୍ଷୟିତ୍ରୀମାନେ କାକବନ୍ଧ ଆଶ୍ରମ ବିଦ୍ୟାଳୟର ମୃତା ଛାତ୍ରୀ ରୂପାଲୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଶେଷରେ ଉପ-ସଭାପତି ସୂର୍ଯ୍ୟକୁମାର ଦେବପାତ୍ର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

ଗୋପବନ୍ଧୁ ନଗର, ୨୬।୪(ଶାନ୍ତନୁ କୁମାର ମଢୁଆଳ): ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ନଦୀରୁ ଜଣେ ବୃଦ୍ଧଙ୍କ ମୃତଦେହ ରବିବାର ଖୁଣ୍ଟା ପୋଲିସ ଜବତ କରିଛି। ମୃତକ ହେଲେ ଶୀଳଘାଟି ପଞ୍ଚାୟତ କେନ୍ଦୁମୁଣ୍ଡି ଗ୍ରାମର ଉପେନ୍ଦ୍ର ନାଥ ମହାକୁଡ଼ (୭୬)। ସୂଚନା ଅନୁଯାୟୀ, ଉପେନ୍ଦ୍ର ଶନିବାର ମଧ୍ୟାହ୍ନରେ ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ରବିବାର ସକାଳେ ଗ୍ରାମ ଲୋକେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନଦୀ ଗଣ୍ଡରେ କେହି ଜଣେ ଭାସୁଥିବାର ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ମୃତଦେହ ବାହାର କରିବା ପରେ ଉପେନ୍ଦ୍ରଙ୍କ ପରିବାର ଲୋକେ ଚିହ୍ନଟ କରିଥିଲେ। ଅସାବଧାନତା ବଶତଃ ଉପେନ୍ଦ୍ର ଗଭୀର ଜଳରେ ବୁଡ଼ି ଯାଇଥିବାର ଅନୁମାନ କରାଯାଉଛି। ଏନେଇ ମୃତ ଉପେନ୍ଦ୍ରଙ୍କ ପୁଅ ଅତୁଲଙ୍କ ଅଭିଯୋଗକ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୬) ରୁଜୁ କରି ତଦନ୍ତ ଚାଲିଥିବା ଏଏସ୍‌ଆଇ ସବ୍ୟସାଚୀ ସାମଲ କହିଛନ୍ତି।

# ବଡ଼ସାହି ବ୍ଲକ ସରକାରୀ ଠିକାଦାର ସଂଘ ଗଠିତ



ଠିକାଦାର ସଂଘର କର୍ମକର୍ତ୍ତା।

ବାରିପଦା, ୨୬।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାବଡ଼ସାହି ବ୍ଲକର ସମସ୍ତ ସରକାରୀ ସୀକୃତିପ୍ରାପ୍ତ ଠିକାଦାର ୦.୧୦%ଠାରୁ ଅଧିକ ଲେସ ଟେଣ୍ଡର ପକାଇବେ ନାହିଁ କିମ୍ବା ବାହାର ଜିଲାରୁ ଠିକାଦାରଙ୍କୁ କାମ କରିବାକୁ ଦେବେ ନାହିଁ ବୋଲି ମିଳିତ ଭାବେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ବଡ଼ସାହିସ୍ଥିତ ତାରିଣୀ ଗେଷ୍ଟ ହାଉସ ଠାରେ ନୂତନ ବ୍ଲକ ସଂଘ ଗଠନ କରାଯାଇଛି। ସମସ୍ତ ଠିକାଦାରଙ୍କ ସହମତିକ୍ରମେ ସଭାପତି ପରେଶ ଚନ୍ଦ୍ର ଦଲେଇ, ସମ୍ପାଦକ ଶାନ୍ତନୁ ସିଂ, ଉପଦେଷ୍ଟା ଭାବେ ତାପସ କୁମାର ନାୟକ, ପ୍ରବୀର ସାହୁ, ପ୍ରଦୀପ ମହାନ୍ତି ଏବଂ କୋଷାଧ୍ୟକ୍ଷ ଗୌତମ ମହାକୁଡ଼ ହୋଇଛନ୍ତି। ଏଥିରେ ମୟୂରଭଞ୍ଜ ଜିଲା ସଂଘ କାର୍ଯ୍ୟକର୍ତ୍ତା ନନ୍ଦୋଲାଲ ମିଶ୍ର, ପ୍ରଦୀପ କୁମାର ପାତ୍ର, ସନ୍ଦୀପ କୁମାର ପତି ତଥା ଅନ୍ୟାନ୍ୟ ପ୍ରମୁଖ ଠିକାଦାର ଉପସ୍ଥିତ ରହି ଠିକାଦାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଏବଂ ଏକତା ବଜାଇ ରଖିଲେ ଜିଲା ସଂଘ ସବୁ ସମୟରେ ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି କେହି ଠିକାଦାର ସଂଘ ନିଷ୍ପତ୍ତିକୁ ଅମାନ୍ୟ କରନ୍ତି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସଭାପତି ଚେତାବନୀ ଦେଇଛନ୍ତି। ଏହି ସଭାକୁ ବିଶ୍ୱଜିତ୍ ଦାସ ପରିଚାଳନ କରିଥିବାବେଳେ ଆୟୋଜକ ଭାବେ ଲକ୍ଷ୍ମୀନାରାୟଣ ସେନାପତି ଏବଂ ବାପୁନ ପାତ୍ର ସହଯୋଗ କରିଥିଲେ।

# ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଚାଲାଣ ହେଉଛି କେନ୍ଦୁପତ୍ର

କେନ୍ଦୁଝର,୨୬।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

■ରୁଗ୍ଣ ଅବସ୍ଥାରେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ
■ଟାର୍ଗେଟ୍ ପୂରଣ ହେଉ ନ ଥିବାରୁ ଫଡ଼ି ବନ୍ଦ ହେଉଛି

କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଇଥାଏ ସରକାରଙ୍କ କେନ୍ଦୁପତ୍ର ବିଭାଗ। କେନ୍ଦୁପତ୍ର ତୋଳାଳିମାନେ ଜଙ୍ଗଲରୁ ପତ୍ର ସଂଗ୍ରହ କରି କେନ୍ଦୁପତ୍ର ବିଭାଗକୁ ବିକ୍ରି କରିଥାନ୍ତି। ବିଭାଗ ଏହି ପତ୍ରକୁ ବାଛି, ଶୁଖାଇ ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ଏଥିରୁ ଅନେକ ଶହ ବନବାସୀ ୫ ମାସ ରୋଜଗାର ପାଉଛନ୍ତି। ସରକାର ମଧ୍ୟ ଏଥିରୁ ରାଜସ୍ୱ ପାଇଥାନ୍ତି। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନ ଓ ତଦାରଖ ଅଭାବରୁ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଅଧୀନରେ ଥିବା ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ରେଞ୍ଜ ରୁଗ୍ଣ ହୋଇପଡୁଛି। ରେଞ୍ଜରୁ ପତ୍ର ତୋଳାହୋଇ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଚୋରାଚାଲାଣ ହେଉଥିବା ବେଳେ ରେଞ୍ଜରେ ଟର୍ଗେଟ୍ ପୂରଣ ହେଉ ନ ଥିବାରୁ ଅନେକ ଫଡ଼ି ବନ୍ଦ ହୋଇଗଲାଣି।

ପ୍ରକାଶ ଯେ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ସାଧାରଣତଃ କେନ୍ଦୁପତ୍ର ବ୍ୟବହାର ଅଧିକ ହେଉଛି। ଏଣୁ ସିଧାସଳଖ ତୋଳାଳିଙ୍କୁ ନିୟୋଜିତ କରି ଓଡ଼ିଶା ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରିନେଉଛନ୍ତି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ସୀମାବର୍ତ୍ତୀ ମୟୂରଭଞ୍ଜ ଜିଲାରୁ ବହୁ ପରିମାଣରେ କଞ୍ଚା କେନ୍ଦୁପତ୍ରକୁ କାର୍, ଜିପ୍ ଏପରି କି ଟ୍ରକ୍‌ରେ ଲୋଡ୍ କରି ବ୍ୟବସାୟୀ ଚୋରାଚାଲାଣ କରିଦେଉଛନ୍ତି। ପ୍ରତ୍ୟେକ ବର୍ଷ ଏଭଳି ବେଆଇନ ପତ୍ର ତୋଳାଳୀ ତଥା କେନ୍ଦୁପତ୍ର ଚୋରା ଚାଲାଣକୁ ପୋଲିସ ଧରପଗଡ଼ କରି ଜବତ କରୁଛି। ମାତ୍ର ସରକାର ବିଳମ୍ବରେ ମଜୁରି ପୈଠ କରିବା, ଚୋରା ବ୍ୟବସାୟୀ କମ୍



ଅର୍ଥ ଦେଉଥିଲେ ହେଁ ତୁରନ୍ତ ପୈଠ କରି ପତ୍ର ନେଉଥିବାରୁ ତୋଳାଳି ପତ୍ର ଦେଇଦେଉଛନ୍ତି। ସରକାର କେରୀ ୧.୬୦ଟଙ୍କା (୨୨ ପତ୍ର)ରେ କିଣୁଛନ୍ତି। କିନ୍ତୁ ଚୋରା ବ୍ୟବସାୟୀ କେରୀ ୮୦ ପଇସାରୁ ୧ ଟଙ୍କାରେ କିଣି ତୁରନ୍ତ ମୂଲ୍ୟ ପ୍ରଦାନ କରୁଥିବା ଡିଭିଜନାଲ କେନ୍ଦୁପତ୍ର କର୍ମଚାରୀ ସଂଘର ସମ୍ପାଦକ ସଞ୍ଜୟ ଚୌଧୁରୀ କହିଛନ୍ତି। ଅନ୍ୟପକ୍ଷେ ତୋଳାଳିଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁ ନ ଥିବାରୁ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅଞ୍ଚଳରୁ ବହୁ ପରିମାଣରେ କେନ୍ଦୁପତ୍ର ଅନ୍ୟ ରାଜ୍ୟକୁ ଚୋରାଚାଲାଣ ହେଉଥିବାରୁ ସଂଗ୍ରହ କମୁଛି ଏବଂ ରାଜସ୍ୱ କ୍ଷତି ହେଉଛି। ପତ୍ର ଚୋରି ଯୋଗୁ ପତ୍ର ସଂଗ୍ରହ ଧାର୍ଯ୍ୟ ପୂରଣ ହୋଇ ପାରୁନାହିଁ। ଏଣୁ ଫଡି ବନ୍ଦ କରିବାକୁ ବାଧ୍ୟ ହେଉଛୁ ବୋଲି ବିଭାଗ ପକ୍ଷରୁ କୁହାଯାଉଛି। କେନ୍ଦୁପତ୍ର ଲାଭଜନକ ନ ହେଲେ ରେଞ୍ଜ ମଧ୍ୟ ବନ୍ଦ ହେବାର ସମ୍ଭାବନା ରହିଛି। ଫଳରେ ଅନେକ ହଜାର ତୋଳାଳି କାମ ହରାଇବେ। ସରକାରଙ୍କ ରାଜସ୍ୱ ଆଦାୟ ବନ୍ଦ ହୋଇଯିବ। ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ ଠାକୁର ଦାସ ହେମ୍ବ୍ରମ କହିଛନ୍ତି, ଅଞ୍ଚଳରୁ କେନ୍ଦୁପତ୍ର ତୋଳି ସିଧାସଳଖ ବ୍ୟବସାୟୀଙ୍କୁ ଅନେକେ ବିକ୍ରି କରୁଛନ୍ତି। ବହୁ ସମୟରେ ବାହାର ରାଜ୍ୟର ତୋଳାଳି ଆସି ଆମ ଅଞ୍ଚଳରୁ କେନ୍ଦୁପତ୍ର ବେଆଇନ ଭାବରେ ତୋଳି ନେଇ ଚାଲିଯାଉଛନ୍ତି। ଧରପଗଡ଼ ସହ ଟାର୍ଗେଟ୍ ପୂରଣ ପରେ ନେବାକୁ କୁହାଯାଉଛି। ଗତ ବର୍ଷ ପୋଲିସ ବେଆଇନ ଚୋରା ଚାଲାଣକାରୀକୁ ଧରିଥିଲା। ତଥାପି ଚୋରାଚାଲାଣ ହେଉଛି। ପତ୍ର ସଂଗ୍ରହ ଲକ୍ଷ୍ୟ ପୂରଣ ହେଲେ ପୁଣି ଫଡି (ନୂଆ କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ର) ଖୋଲିବାକୁ ଲୋକଙ୍କୁ ଉତ୍ସାହିତ କରିବା ସହ ପଦକ୍ଷେପ ନିଆଯାଉଛି।

# ୪ଟିକିଆ ହାତୀପଲଙ୍କ ଉତ୍ପାତ



ପାଟଣା,୨୬।୪(ବିରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତଣ୍ଡୋ ବିଟ୍ ଅନ୍ତର୍ଗତ ବଣମହୁଲଡ଼ିହା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ୪ ଟିକିଆ ହାତୀପଲ ଉତ୍ପାତ କରିଛନ୍ତି। ନଳିନୀ ମହାକୁଡ଼ଙ୍କ ଖପର ଛପର ଘର ଭାଙ୍ଗି ଦେଇଛନ୍ତି। ଏଥିସହ ଘର ଭିତରୁ ଧାନ, ଚାଉଳ ସବୁ ଖାଇ ଦେଇଛନ୍ତି। ହାତୀପଲ ଠାକୁରମୁଣ୍ଡା ରେଞ୍ଜରୁ ଶନିବାର ରାତିରେ ଟିକାଶିଲ ଦେଇ ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲକୁ ପ୍ରବେଶ କରିଥିଲେ। ହାତୀପଲ ରବିବାର ସନ୍ଧ୍ୟାରେ ଅଟେଇ ସଂରକ୍ଷିତ ବଣ ମହୁଲଡ଼ିହା ଗାଁ ନିକଟ ଜଙ୍ଗଲରେ ଡେରା ପକାଇଥିବା ପାଟଣା ବନପାଳ ନିରଞ୍ଜନ ସେଠୀ କହିଛନ୍ତି। ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ବନପାଳ ଚିତ୍ତରଞ୍ଜନ ପରିଡ଼ା, ବନରକ୍ଷୀ ଦୀପକ ସ୍ୱାଇଁ, ବନରକ୍ଷୀ ରାଜେଶ ଜେନା, ୫ ଜଣ ଗଜସାଥି ଏବଂ ୪ ଜଣ ହାତୀସ୍କ୍ୱାଡ ନିୟୋଜିତ ହୋଇଛନ୍ତି।

# କାବ୍ୟେଶ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ପ୍ରଥମ

ପାଟଣା,୨୬।୪ (ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସପ୍ତମ ଶ୍ରେଣୀ ଛାତ୍ର କାବ୍ୟେଶ ବେହେରା ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ପରିଚାଳିତ ଶିକ୍ଷାବର୍ଷ ୨୦୨୫-୨୬ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ପ୍ରାଦେଶିକ ମେଧା ପରୀକ୍ଷାରେ ୭ମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ସେ ତୁରୁମୁଙ୍ଗାର ଶିକ୍ଷକ ଦମ୍ପତ୍ତି ସଂଘମିତ୍ରା ସାହୁ ଓ ଶିକ୍ଷକ ସତ୍ୟ ସୁନ୍ଦର ବେହେରାଙ୍କ ଏକ ମାତ୍ର ପୁତ୍ର। ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ପରିଚାଳନା କମିଟି ସଭାପତି ପ୍ରଦୀପ ସାହୁ, ଉପ ସଭାପତି ସୁଧାଂଶୁ ଶେଖର ସାହୁ, ସମ୍ପାଦକ ପ୍ରମୋଦ ସାହୁ ପ୍ରମୁଖଙ୍କ ସହ ଅଚାର୍ଯ୍ୟା, ଆଚାର୍ଯ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୟେଲୋ ଜୋନ୍ ଜମି ରିୟଲ ଇଷ୍ଟେଟ ଉଦ୍ଦେଶ୍ୟରେ ବ୍ୟବହାର

## ତଦନ୍ତ କରି ରିପୋର୍ଟ ଦେବାକୁ ଓରେରା ସମ୍ପାଦକଙ୍କ ଚିଠି

କେନ୍ଦୁଝର,୨୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାରଙ୍କର ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ଓରେରା) ପକ୍ଷରୁ ଜମି କିଣାବିକା ନେଇ ନୀତିନିୟମ ପ୍ରସ୍ତୁତ କରୁଛନ୍ତି। ତେବେ ବାରମ୍ବାର ତାଗିଦା ସତ୍ତ୍ୱେ କେନ୍ଦୁଝରରେ ନୀତିନିୟମକୁ ଉଲ୍ଲଂଘନ କରି ଜମି ପ୍ଲଟିଂ ଓ କିଣାବିକା ଚାଲିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ଅମର ନାୟକ ନାମକ ଜଣେ ବ୍ୟକ୍ତି ଅଭିଯୋଗ କରିବା ପରେ ଓରେରା ସମ୍ପାଦକ ଚିଠି (ନଂ. ୨୫୯୯/୨୧ ଏପ୍ରିଲ ୨୦୨୬)ରେ କେନ୍ଦୁଝର ଜିଲାପାଳଙ୍କୁ ଅଭିଯୋଗର ତଦନ୍ତ କରି ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି।

ଅଭିଯୋଗ ମୁତାବକ, କେନ୍ଦୁଝର ସଦର ତହସିଲ ବଣିଆପାଟ-ଖୁଣ୍ଟାପଡ଼ା ମୌଜାରେ ୧ ଏକର ୮୦ ଡିସିମିଲ ୟେଲୋ ଜୋନ୍‌ରେ ଥିବା ଜମି ବିକ୍ରି ହୋଇ ରିୟଲ ଇଷ୍ଟେଟ୍ ଉଦ୍ଦେଶ୍ୟରେ ବ୍ୟବହାର ହେଉଛି। କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳ ୟେଲୋ ଜୋନ୍‌ରେ ଥିବା ଜମି ରିଏଲ ଇଷ୍ଟେଟ ଉଦ୍ଦେଶ୍ୟରେ ବିକ୍ରି ହେଲେ ଓରେରାଠାରୁ ଅନୁମତି ନେବା ଜରୁରୀ। ମାତ୍ର ଓରେରା ବିନା ଅନୁମତିରେ କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ଗ୍ରୀନ ଓ ୟେଲୋ ଜୋନ୍‌ରେ ଜମିକୁ ପାର୍ଟ ପ୍ଲଟ୍ କରାଯାଇ ବିକ୍ରି ଚାଲିଛି। ଓରେରା ନିକଟରେ ଏ ନେଇ ଅଭିଯୋଗ ହେବା ପରେ ଏହାର ତଦନ୍ତ ଆଦେଶ ହୋଇଛି। ମାଷ୍ଟରପ୍ଲାନ ଅଞ୍ଚଳରେ ଜାଗା କିଣିଥିବା ଲୋକଙ୍କ ଘରବାଡି କିସମ ପରିବର୍ତ୍ତନ ହୋଇ ପାରୁନାହିଁ। ଘରବାଡି କିସମ ନ ଥିଲେ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ହେଉନାହିଁ ଏବଂ ଗୃହ ନିର୍ମାଣ ଋଣ ବ୍ୟାଙ୍କରୁ ମିଳୁନି। ବିଲଡର ଏବଂ ଜମି ଦଲାଲଙ୍କ ମାୟା ଜାଲରେ କ୍ରେତାମାନେ ଛଟପଟ ହେଉଛନ୍ତି। ଜମି କିଣିଥିବା ଲୋକ କ୍ଷତିଗ୍ରସ୍ତ ହେଉଥିବାରୁ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ବରିଷ୍ଠ ଆଇନଜୀବୀ ଅଶୋକ ଦାସ ଦାବି କରିଛନ୍ତି।



ODISHA REAL ESTATE REGULATORY AUTHORITY
Block A1, 3rd floor, Toshali Bhawan, Satya Nagar, Bhubaneswar - 751007

Date 21/04/26

To,
The Collector,
Keonjhar

Sub: Forwarding of complaint petition of Sri Amar Nayak dtd 29.01.2026

Sir,
I am directed to invite a reference to the above noted subject and to enclose herewith the grievance petition of Sri Amar Nayak of Keonjhar for needful action at your end and action taken report may be please furnished to RERA for taking further action taking.

Encl: As above

Yours faithfully
Secretary
Odisha RERA

Memo No 2600 /ORERA Date 21/04/26
Copy forwarded to Executive Officer, Keonjhar Municipality for kind information and necessary action.
Secretary
Odisha RERA

Memo No 2601 /ORERA Date 21/04/26
Copy forwarded to Sri Amar Nayak, Email id: [illegible] for information.
Secretary
Odisha RERA

# ରେଳ ଦୁର୍ଘଟଣାରେ ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା ଦାବି

କେନ୍ଦୁଝର,୨୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୋଡିପଶା ପଞ୍ଚାୟତ କୁଣ୍ଡେଇ ଗ୍ରାମର ରମେଶ ଜୁଆଙ୍ଗ (୨୪)ଙ୍କ ରେଳ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିଲେ ହେଁ ସରକାରୀ ସହାୟତା ମିଳିଲାନାହିଁ। ଯୁବ ଅବସ୍ଥାରେ ମା'ବାପାଙ୍କୁ ରୋଜଗାର କରି ସହାୟତା କରୁଥିବା ରମେଶ ସେମାନଙ୍କ ଉପରେ ବୋଝ ହୋଇ ରହିଯାଇଛନ୍ତି। ସହାୟତା ପାଇଁ ବିଭିନ୍ନସ୍ତରରେ ଦାବି କରିଥିଲେ ମଧ୍ୟ ଫଳ ମିଳିନି। ସ୍ଥାନୀୟ ଆମ ଆଦମୀ ସେବା ଅଭିଯାନ ନାମକ ଏକ ସଂସ୍ଥା ପକ୍ଷରୁ ଥଇଥାନ କରିବା ପାଇଁ ମୁଖ୍ୟ ଶାସନ ସଚୀଙ୍କୁ ଚିଠି ଲେଖି ନିବେଦନ କରାଯାଇଛି। ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ରହିଛି। ରମେଶ ଜଣେ ଶିକ୍ଷିତ ଯୁବକ ହୋଇଥିବା ବେଳେ କାମ ଧନ୍ଦା ନ ମିଳିବାରୁ ପରିବାର ଚଳାଇବାକୁ ପାରାଦୀପ ଚାଲିଯାଇଥିଲେ। ୨୦୨୩ରେ ଟ୍ରେନ୍ ଦୁର୍ଘଟଣାରେ ଡାହାଣ ଗୋଡ କଟିଯିବାରୁ ଦିବ୍ୟାଙ୍ଗ ହୋଇ ଘରେ ବସିଛନ୍ତି। ଏଣୁ ଆଦିମ ଜନଜାତି ସମ୍ପ୍ରଦାୟର ରମେଶଙ୍କୁ ସହାୟତା ପ୍ରଦାନ କରିବା ସହ ଉପଯୁକ୍ତ ଥଇଥାନ କରିବାକୁ ସଂଗଠନ ପକ୍ଷରୁ ଡମ୍ବରୁଧର ଘଣା ଚିଠିରେ ଉଲ୍ଲେଖ କରିଛନ୍ତି।

# ଯୁବକଙ୍କ ଆତ୍ମହତ୍ୟା

ପାଟଣା,୨୬।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ଗ୍ରାମ ନିକଟ ପଡ଼ିଆରେ ଥିବା ଆମ୍ବଗଛରେ ରବିବାର ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ଗ୍ରାମର ରାଜେନ୍ଦ୍ର ନାଏକଙ୍କ ପୁଅ ସୌମ୍ୟ ରଞ୍ଜନ। ସେ ମାନସିକ ବିକୃତ ଥିବା ପୋଲିସ ଜାଣିବାକୁ ପାଇଛି। ରବିବାର ସକାଳୁ ପିନ୍ଧା ଲୁଙ୍ଗିରେ ଆମ୍ବ ଗଛଡାଳରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୧୩/୨୬)ରୁଜୁ ହୋଇଥିବା ସାହରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ଶିଶୁ

କେନ୍ଦୁଝର,୨୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଭଁଅରପୁର ପଞ୍ଚାୟତ ଭଁଅରପୁର ଗାଁର ସୁଶାନ୍ତ ମୁଣ୍ଡାଙ୍କ ଝିଅ ଦୀପାଞ୍ଜଳୀ ମୁଣ୍ଡା(୮) ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଦୀପାଞ୍ଜଳୀ ନିଆଁ ପୁଇଁ ହେଉଥିବାବେଳେ ତାଙ୍କର ଶରୀର ପୋଡ଼ିଯାଇଥିଲା। ଗୋଡ଼ ଜଙ୍ଘରେ ଲାଗି ଯାଇଥିବାରୁ କଟକରେ ଅସ୍ତ୍ରୋପଚାର କରାଯାଇଛି। ଏଥିପାଇଁ ତାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିବା ପରେ ୨୦୨୪ ସେପ୍ଟେମ୍ବର ୨୭ରେ ଅନ୍‌ଲାଇନରେ ଭତ୍ତା ଆବେଦନ କରାଯାଇଛି। ତେବେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଦୀପାଞ୍ଜଳୀଙ୍କ ଭତ୍ତା ମଞ୍ଜୁର ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଦୀପାଞ୍ଜଳୀଙ୍କୁ ଭତ୍ତା ପ୍ରଦାନ କରାଯିବାକୁ ତାଙ୍କ ବାପା ସୁଶାନ୍ତ ନିବେଦନ କରିଛନ୍ତି। ଏ ନେଇ ସ୍ଥାନୀୟ ସାମାଜିକ ସଂଗଠନ ଆଶା ପକ୍ଷରୁ ମଧ୍ୟ ଜିଲା ପ୍ରଶାସନ ତଥା ସରକାର ପଦକ୍ଷେପ ନେଇ ଭତ୍ତା ଓ ଅନ୍ୟାନ୍ୟ ସହାୟତା ଦେବାକୁ ଦାବି କରାଯାଉଛି।

# ରନ୍ଧନ ଗ୍ୟାସ୍ ଅଭାବ, ହୋଟେଲ ବ୍ୟବସାୟ ପ୍ରଭାବିତ

## କୋଇଲା ଏକମାତ୍ର ଭରସା

ବଉଳା,୨୬।୪(ଦୁର୍ଗା ପ୍ରସାଦ ଆୟଚ)

ରାଜ୍ୟର ବିଭିନ୍ନ ଜିଲାରେ ରନ୍ଧନ ଗ୍ୟାସର ଅଭାବ ଲାଗିରହିଛି। ଏହା ହିତାଧିକାରୀଙ୍କୁ ଚିନ୍ତାରେ ପକାଇଥିବା ବେଳେ ଛୋଟ ଚା', ଜଳଖିଆ ଦୋକାନୀ ଓ ହୋଟେଲ ବ୍ୟବସାୟୀ ପ୍ରଭାବିତ ହୋଇଛନ୍ତି। କେତେଜଣ ଅଧିକ ମୂଲ୍ୟରେ ଚୋରାରେ କିଣି କଷ୍ଟରେ ନିଜର ଗୁଜରାଣ ମେଣ୍ଟାଉଥିବା କହିଛନ୍ତି। ହୋଟେଲ ଓ ବଡ଼ ଜଳଖିଆ ଦୋକାନୀ କୋଇଲା ଚୁଲା ଉପରେ ନିର୍ଭର କରୁଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ଛକ ବଜାରରେ ଆବଶ୍ୟକ ମୁତାବକ ରନ୍ଧନ ଗ୍ୟାସ୍ ମିଳୁନାହିଁ। ଗ୍ୟାସ୍ ମିଳୁ ନ ଥିବାରୁ ଅନେକେ ଦୋକାନ ବନ୍ଦ କରିଦେଇଥିବା ଦେଖାଯାଇଛି। କମର୍ସିଆଲ ହେଉ କିମ୍ବା ଡୋମେଷ୍ଟିକ୍ ଗ୍ୟାସ୍ ଆବଶ୍ୟକ ଅନୁଯାୟୀ ମିଳୁ ନ ଥିବାରୁ ହୋଟେଲରେ କୋଇଲା ଚୁଲାରେ ରୋଷେଇ କରୁଛନ୍ତି। ଏଥିଯୋଗୁ ହୋଟେଲରେ ଦରଦାମ୍ ମଧ୍ୟ ବୃଦ୍ଧି ପାଇଛି। ଯେଉଁଠି ସର୍ବନିମ୍ନ ସାଧାରଣ ମିଲ୍ ୬୦ ଟଙ୍କାରେ ମିଳୁଥିଲା। ତାହା ଏବେ ୮୦ରୁ ୧୦୦ ଟଙ୍କା ହୋଇଯାଇଛି। ଏହାଦ୍ୱାରା ମଧ୍ୟ ସାଧାରଣ ଗରିବ ଓ ଶ୍ରମିକଙ୍କ ଉପରେ ବୋଝ ବୃଦ୍ଧି ପାଇଛି। ଗ୍ୟାସ୍ ମିଳୁ ନ ଥିବା ବେଳେ କୋଇଲାର ଦର ବଢ଼ିଯାଇଥିବାରୁ ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହୋଇଥିବା ହୋଟେଲ ମାଲିକମାନେ କହିଛନ୍ତି।



# ଏସିଆନ ଆଷ୍ଟ୍ରୋଲୋଜର୍ସ କନ୍‌ଫରେନ୍ସରେ ଆଶୁତୋଷ ସମ୍ମାନିତ




ଅତିଥିମାନେ ଜ୍ୟୋତିଷଙ୍କୁ ସମ୍ମାନିତ କରୁଛନ୍ତି।

କେନ୍ଦୁଝର,୨୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ପରିସରରେ ଅନ୍ତରାଷ୍ଟ୍ରୀୟ ଭୃଗୁ ଜ୍ୟୋତିଷ ସଂସ୍ଥାନ ତରଫରୁ ଆୟୋଜିତ ଏସିଆନ ଆଷ୍ଟ୍ରୋଲୋଜର୍ସ କନ୍‌ଫରେନ୍ସରେ କେନ୍ଦୁଝର ସହର ନୂଆସାହି, ଜେଲରୋଡ୍‌ସ୍ଥିତ ଜ୍ୟୋତିଷ ସମ୍ରାଟ ପଣ୍ଡିତ ଆଶୁତୋଷ ଆଚାର୍ଯ୍ୟଙ୍କୁ ସ୍ୱର୍ଣ୍ଣ ପଦକ ସମ୍ମାନରେ ସମ୍ମାନିତ କରାଯାଇଛି। ସେ ପୂର୍ବରୁ ରାଜ୍ୟସ୍ତରରେ ଅନେକ ସମ୍ମାନ ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଶିକ୍ଷାବିତ୍ ରମାକାନ୍ତ ସ୍ୱାଇଁ, ସୁଧୀର ନନ୍ଦ, ସଚିଦାନନ୍ଦ ମହାପାତ୍ର ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହା କେବଳ କେନ୍ଦୁଝରବାସୀଙ୍କ ଆଶୀର୍ବାଦ, ଭଲପାଇବା ଏବଂ ପ୍ରେରଣାର ଉତ୍ସରୁ ସଫଳ ହୋଇଛି ବୋଲି ଆଚାର୍ଯ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ସଂଗଠନର ସଭାପତି ସଂଯୁକ୍ତା ଆଚାର୍ଯ୍ୟ, ଆବାହକ ଶ୍ରୀପତି ଆଚାର୍ଯ୍ୟ, ପ୍ରତିଷ୍ଠାତା ଶ୍ରୀଧର ଆଚାର୍ଯ୍ୟ, ସମ୍ପାଦକ ଶିବ ନାରାୟଣ ମିଶ୍ର, ସହ ସମ୍ପାଦକ ବନଜାବାସିନୀ ଦ୍ୱିବେଦୀ ଉପସ୍ଥିତ ଥିଲେ।

# ଅନୁଦାନ ଅଭାବରୁ 'ଲୋକକଳା ପାଇଁ ଦିନଟିଏ' ବନ୍ଦ

ହାଟଡିହୀ/ଛେନାପଦୀ,୨୬।୪
(ଶୁଭକାନ୍ତ ନାୟକ/
ନିରାକାର ପରିଡା)

ଅନୁଦାନ ପ୍ରଦାନ ନ ହେବାରୁ ସରକାରୀ କାର୍ଯ୍ୟକ୍ରମ 'ଲୋକକଳା ପାଇଁ ଦିନଟିଏ' ବନ୍ଦ ହୋଇଛି। ଯାହାକୁ ନେଇ କଳାକାରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଳାକାରଙ୍କୁ ଉପେକ୍ଷା କରାଯାଉଥିବା କୁହାଯାଉଥିବା ବେଳେ ଓଡ଼ିଆ ଅସ୍ମିତାକୁ ମଧ୍ୟ ଅଣଦେଖା କରାଯାଉଥିବା କୁହାଯାଉଛି।

ସୂଚନା ଅନୁସାରେ, ଓଡ଼ିଆ ପକ୍ଷ ୨୦୨୬ ଅବସରରେ ଏପ୍ରିଲ ୧୦କୁ ଲୋକକଳା ପାଇଁ ଦିନଟିଏ ଭାବରେ ପାଳନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଚିଠି ମାଧ୍ୟମରେ ସମସ୍ତ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିନ୍ତୁ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ହାଟଡ଼ିହୀ, ଆନନ୍ଦପୁର ଏବଂ ଘସିପୁରା ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଅନୁଦାନ ନ ଥିବାରୁ ବନ୍ଦ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ଅନୁସାରେ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ପ୍ରତିଷ୍ଠିତ ପାରମ୍ପରିକ କଳାକାରଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧନା କରାଯିବା ସହ ପ୍ରତିଷ୍ଠିତ ଲୋକ କଳାର ପ୍ରଚାର ପ୍ରସାର କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଚିଠିରେ ଉଲ୍ଲେଖ ଅଛି। କିନ୍ତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲାନି କି କଳାକାରମାନେ ଏ ବାବଦରେ ସୂଚନା ପାଇଲେନାହିଁ। ଫଳରେ ଅନେକ କଳାକାର କ୍ଷୋଭ ପ୍ରକାଶ କରି କହିଛନ୍ତି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ) ସ୍ୱାତୀ ସିଂ କହିଛନ୍ତି, ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଇଁ ନିର୍ଦ୍ଦେଶ ପତ୍ର ଆସିଥିଲା। କିନ୍ତୁ କାର୍ଯ୍ୟକ୍ରମ ପାଇଁ କୌଣସି ସରକାରୀ ଅନୁଦାନ ପ୍ରଦାନ କରାଯାଇ ନ ଥିଲା। ତେଣୁ କାର୍ଯ୍ୟକ୍ରମ ବନ୍ଦ ହୋଇଥିଲା। ଆନନ୍ଦପୁର ଉପଖଣ୍ଡ ଅଧୀନ ଅନ୍ୟ ୨ ବ୍ଲକ୍ ଆନନ୍ଦପୁର ଏବଂ ଘସିପୁରା ବ୍ଲକ୍‌ରେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇନି। ଗତ ବର୍ଷ ମଧ୍ୟ ହାଟଡ଼ିହୀ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନ ଥିଲା।

# ୮୦ ଲକ୍ଷ ଟଙ୍କାର ଖଣିଜ ଜବତ, ୧୪ ଗିରଫ

## ୨୦୨୫-୨୬ ଆର୍ଥିକ ବର୍ଷ

ଯୋଡ଼ା,୨୬।୪(ମାନସ ମହାନ୍ତି)

ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ବିଭିନ୍ନ ପରିତ୍ୟକ୍ତ ଖଣି ଅଞ୍ଚଳରୁ ଚଢ଼ାଉ କରାଯାଇ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଖଣିଜ ଜବତ ହୋଇଛି। ଖଣି ଚୋରାଚାଲାଣ ବ୍ୟବହୃତ ୨୦ ଟ୍ରକ୍ ମଧ୍ୟ ଜବତ କରାଯିବା ସହ ୧୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ଖଣିଜରେ ୭୬୫୮.୯୪୦ ମେଟ୍ରିକ ଟନ୍ ଉନ୍ନତମାନର ଲୁହାପଥର ଓ ୨୩୩.୭୭୫ ମେଟ୍ରିକ୍ ଟନ ମାଙ୍ଗାନିଜ ରହିଛି। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ପ୍ରାୟ ୬୦ ଲକ୍ଷ ଟଙ୍କା ହୋଇଥିବା ବେଳେ ଜବତ ମାଙ୍ଗାନିଜ ଡାଇଅକ୍ସାଇଡର ମୂଲ୍ୟ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ମୂଲ୍ୟାଙ୍କନ କରାଯାଇଛି। ୧୪ ଖଣିଜ ଚୋରଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

ଯୋଡ଼ା ଖଣି ମଣ୍ଡଳର ବୋଲାଣି, ବଡ଼ବିଲ, ରୋଇଡ଼ା ମୁର୍ଗା, ବିଲେଇପଦା, ଠାକୁରାଣୀ, ଜୁରୁଡ଼ି, ବାଂଶପାଣି, ଖଣ୍ଡବନ୍ଧ, ବାମେବାରି, ଗୁରୁଡ଼ା, ନୟାଗଡ଼ ପ୍ରଭୃତି ଅଞ୍ଚଳରେ ଖଣି ବିଭାଗ ଦ୍ୱାରା ନିଜସ୍ୱ ସ୍କ୍ୱାଡ ଓ ଷ୍ଟେଟ୍ ଲେଭେଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଦ୍ୱାରା ଚଢ଼ାଉ କରାଯାଇ ଖଣିଜ ଜବତ ହୋଇଥିଲା। ଖଣି ବିଭାଗ, ବନ ବିଭାଗ ଓ ପୋଲିସର ମିଳିତ ଚଢ଼ାଉରେ ମଧ୍ୟ ବିପୁଳ ପରିମାଣର ଖଣିଜ ଜବତ ହୋଇଛି। ଯୋଡ଼ା ଖଣି ମଣ୍ଡଳରେ ଥିବା ଅପହଞ୍ଚ ବନାଞ୍ଚଳରେ ମାଙ୍ଗାନିଜ ଚୋରି ଅଭିନବ ଉପାୟରେ କରାଯାଉଛି। ରୋଇଡ଼ା, ଦଲପାହାଡ଼, ଚୋର ମାଲଦର, କାଟେସାହି ପ୍ରଭୃତି ଅଞ୍ଚଳରେ ଥିବା ଦୁର୍ଗମ ବନାଞ୍ଚଳରୁ ବହୁ ମୂଲ୍ୟର ମାଙ୍ଗାନିଜ ଉତ୍ତୋଳନ କରାଯାଇ ଏହାକୁ ଅଖାରେ ଭର୍ତ୍ତି କରାଯାଇ ଜଙ୍ଗଲରୁ ବାହାର କରି ଛୋଟ ପିକ୍‌ଅପ୍ ଗାଡ଼ିରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚୋରା ଚୋରାଚାଲାଣ କରାଯାଉଛି। ଚୋରା ଖଣିଜ କାରବାରକୁ ବନ୍ଦ କରିବାକୁ ଖଣିରେ ଥିବା ବିଭିନ୍ନ ଓଜନ କଣ୍ଟାରେ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରାଯାଇଛି। ତେବେ ବିଭିନ୍ନ ସରକାରୀ ଖଣିରୁ ଫାଇନସ(ଗୁଣ୍ଡ ଲୁହାପଥର)ର ଅନୁମୋଦନ ନେଇ ବେଆଇନ ଭାବେ ଉନ୍ନତମାନର ସାଇଜ ଓର ପରିବହନ ହେଉଛି। ଘଟଣା ବିଭାଗର ନଜରକୁ ଆସିବା ପରେ ଖଣି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡକୁ ଅଧିକ ସୁଦୃଢ଼ କରାଯାଇଥିବା ଖଣି ଉପ ନିର୍ଦ୍ଦେଶକ ସେଠୀ କହିଛନ୍ତି। କମ ମୂଲ୍ୟର ଗୁଣ୍ଡ ଲୁହାପଥରର ଅନୁମୋଦନ ନେଇ କିଛି ଅସାଧୁ ପରିବହନକାରୀ ସଂସ୍ଥା ଏବଂ ଶିଳ୍ପ ସଂସ୍ଥା ବହୁ ମୂଲ୍ୟର ସାଇଜଡ ହାଇଗ୍ରେଡ୍ ଲୁହାପଥରକୁ ପାଲ ଟାଣି ପରିବହନ କରି ଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଣି ବିଭାଗ ପକ୍ଷରୁ ବିଭିନ୍ନ ଟୋଲଗେଟ ଗୁଡ଼ିକରେ ଆକସ୍ମିକ ଯାଞ୍ଚ କରାଯାଉଥିବା ସେଠୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

